# ଦେଢ଼ ଘଣ୍ଟା ଟ୍ରେନ୍ ଚଳାଚଳ ବନ୍ଦ

■ରେଳଧାରଣା ପାର୍ ହୋଇ ଗାଁରେ ପଶିଲା ହାତୀ
■ଭାଙ୍ଗିଲା ୧୧ ଘର, ରାତିତମାମ ବନବିଭାଗ ଉଜାଗର

ରୂପସା, ୨୫।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଗଡ଼ପଦା ପଞ୍ଚାୟତକୁ ଶୁକ୍ରବାର ରାତିରେ ଏକ ଦନ୍ତା ହାତୀ ପଶି ଆସି ତାଣ୍ଡବ ରଚିଛି। ହାତୀଟି ବାରମ୍ବାର ରେଳଧାରଣା ପାର୍ ହେଉଥିବାରୁ ବନବିଭାଗ ପକ୍ଷରୁ ଷ୍ଟେଶନ ମ୍ୟାନେଜରଙ୍କୁ ଅବଗତ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଦୀର୍ଘ ଦେଢ଼ଘଣ୍ଟା ଧରି ଟ୍ରେନ ଚଳାଚଳ ବନ୍ଦ ରଖାଯାଇଥିଲା। ରୂପସା ଅଞ୍ଚଳରେ ମଧ୍ୟ ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ଶନିବାର ଦିନଯାକ ବନବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଥିଲା।

ମୟୂରଭଞ୍ଜ ପଟରୁ ବଡ଼ଗୁମା ଦେଇ ରାତିରେ ହାତୀଟି ଲଛମନଖୁଣ୍ଟା ଗାଁରେ ପଶିଥିଲା। ଏହି ଗାଁର ପଇଁତିରି ସିଂ, କୁନି ସିଂ, ଗୋବିନ୍ଦ ସିଂ, ଆଦିକନ୍ଦ ସିଂ, ରାମ ସିଂ, ଅନାଦି ମହାନ୍ତ ଓ ରାମେଶ୍ୱର ମହାନ୍ତଙ୍କ ଘର ଛପର ଓ କାନ୍ଥ ଭାଙ୍ଗି ଜହତା ଗ୍ରାମକୁ ପଶିଥିଲା। ସେଠାରେ ଅକ୍ଷୟ ପଲେଇଙ୍କ ଘର ଭାଙ୍ଗି ଖାଣ୍ଡିଆ ଘାଇ ପୋଲ ଦେଇ ହୀରାପୁର ନାଗାଖଣି ଗାଁରେ ଉତ୍ପାତ ଦେଖାଇଥିଲା। ସୀମାଲ ଟୁଡୁ ଓ ଛୁଟା ମାଝିଙ୍କ ଘର ନଷ୍ଟ କରି ରୂପସା ଉତ୍ତର କେବିନ ଓ ବାଖରାବାଦ ଫାଟକ ମଝି ରେଳଧାରଣା ପାରି ହୋଇ ବୁଧଖଣ୍ଡି ଗାଁରେ ପଶି ବାବୁ ମଲିକଙ୍କ ଘର ଭାଙ୍ଗିଥିଲା। ପୁଣି ରେଳ ଧାରଣା ପାରିହୋଇ ହାତୀଟି ମୟୂରଭଞ୍ଜର ଭଗବାନପୁର ଗାଁ ନିକଟ ଜଙ୍ଗଲରେ ରହିଥିଲା। ଏହିପରି ହାତୀ ମୋଟ ୧୧ଜଣଙ୍କ ଘର ଭାଙ୍ଗିବା ସହ ବହୁ ଆସବାବପତ୍ର, ଧାନଚାଉଳ ଓ ଚାଷଜମିକୁ ଦଳିମକଚି ନଷ୍ଟ କରିଛି। ଗ୍ରାମବାସୀଙ୍କ ସହାୟତାରେ ବନବିଭାଗ ଅଧିକାରୀ ବିବେକାନନ୍ଦ ଜେନା, ଫରେଷ୍ଟଗାର୍ଡ ମୀନାରାଣୀ ବେହେରା ଓ ଶଶୀଧର ମହାନ୍ତି ପ୍ରମୁଖ ବନ କର୍ମଚାରୀଙ୍କ ସହ ପହଞ୍ଚି ବାଣ ଫୁଟାଇ ରାତିତମାମ୍ ହାତୀ ଘଉଡ଼ାଇବା ପାଇଁ ଉଜାଗର ରହି ନାକେଦମ୍ ହୋଇଥିଲେ।


ଭଗବାନପୁର ଗାଁ ରାସ୍ତାରେ ହାତୀ।

## ସଂକ୍ଷେପରେ

### ନିଖୋଜର ୪ ଦିନ ପରେ ବୃଦ୍ଧଙ୍କ ମୃତଦେହ ମିଳିଲା

**ପଞ୍ଚାମୁଣ୍ଡାଇ,୨୫।୯(ସ୍ୱ.ପ୍ର.):** ଗତ ୪ ଦିନ ତଳେ ନିଖୋଜ ହୋଇ ଯାଇଥିବା ଜଣେ ବୃଦ୍ଧଙ୍କ ମୃତଦେହକୁ ଚଉଦକୁଲାଟ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ମୃତ ବୃଦ୍ଧ ହେଲେ ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ଷଣ୍ଡପଲ୍ଲୀ ଗ୍ରାମର ନୃସିଂହ ଚରଣ ବାରିକ (୭୫)। ନୃସିଂହଙ୍କ ଗତ ୫ ବର୍ଷ ହେବ ମାନସିକ ବିକୃତ ଥିବା ପରିବାର ଲୋକେ କହିଛନ୍ତି। ଗତ ୨୨ ତାରିଖ ଦିନ ସେ ହଠାତ୍ ଘରୁ କେଉଁ ଆଡେ ଚାଲି ଯାଇଥିବା ପଞ୍ଚାମୁଣ୍ଡାଇ ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଶନିବାର ସକାଳେ ଗୋଗୁଆ-ଚଉଦକୁଲାଟ ରାସ୍ତାର ଏକ ପାଟନାଳୀରେ ନୃସିଂହଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଚଉଦକୁଲାଟ ଫାଣ୍ଡି ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଆଜି ପଠାଇଛନ୍ତି। ଏନେଇ ଚଉଦକୁଲାଟ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୩୭/୩୧) ରୁଜୁ ହୋଇଛି।

### ମୃତ ବାଳକଙ୍କ ପରିବାରକୁ ସହାୟତା

**ପଞ୍ଚାମୁଣ୍ଡାଇ,୨୫।୯(ସ୍ୱ.ପ୍ର.):** ଗତ ୨୩ ତାରିଖରେ ପଞ୍ଚାମୁଣ୍ଡାଇ ବ୍ଲକ ଅଧୀନ କଖାରୁଣୀ ପଞ୍ଚାୟତ କଖାରୁଣୀ ଗ୍ରାମର ରମେଶ ମଲିକଙ୍କ ପୁଅ ସଂଗ୍ରାମ ମଲିକ (୧୬) ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲେ। ଶନିବାର ପଞ୍ଚାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ସଂଗ୍ରାମଙ୍କ ବାପା ରମେଶ ମଲିକଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

### ଭାରତ ବନ୍ଦକୁ ଜିଲା କଂଗ୍ରେସର ସମର୍ଥନ

**ଯାଜପୁରସଦର,୨୫।୯(ଡି.ଏନ.ଏ.):** କୃଷି ଆଇନ ବିରୋଧରେ ୨୭ ତାରିଖରେ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ଯାଜପୁର ଜିଲା କଂଗ୍ରେସ ସମର୍ଥନ ଜଣାଇଛି। ଚାଷୀଙ୍କ ନାଯ୍ୟ ଦାବିପୂରଣ ଓ ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ନିମନ୍ତେ ବନ୍ଦକୁ ସମର୍ଥନ କରିବାକୁ ଦଳ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏଥିସହିତ ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, କୃଷକ, ଦଳିତ, ଆଇନ ସଂଖ୍ୟାଲଘୁ ଏବଂ ଓବିସି ସେଲର କର୍ମକର୍ତ୍ତା ଓ କର୍ମୀ ଏହାକୁ ସଫଳ କରିବା ନିମନ୍ତେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ଯାଜପୁର ବ୍ଲକ୍ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ ସଭାପତି ଶ୍ୟାମସୁନ୍ଦର କର, ବିଞ୍ଝାରପୁର ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ର, କୋରେଇ ବ୍ଲକ୍ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା, ଓବିସି ସେଲ ରାଜ୍ୟ ଉପସଭାପତି ପ୍ରଶାନ୍ତ ସାହୁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷୀକେଶ ପତି, ମିଡିଆ ସେଲର ଆଦିତ୍ୟ ମହାନ୍ତି ପ୍ରମୁଖ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ବ୍ଲକ୍ ହେଡକ୍ୱାର୍ଟର, ପୌରାଞ୍ଚଳ ଓ ଜିଲା ହେଡକ୍ୱାର୍ଟରଠାରେ ବନ୍ଦ ଡାକରାକୁ ସଫଳ କରିବା ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ଦେହାନ୍ତ

**ଚଢେଇଧରା,୨୫।୯(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଲି ଗ୍ରାମରେ ବାସ କରୁଥିବା ଅବସରପ୍ରାପ୍ତ ଟେଲିଫୋନ ସେବା କର୍ମଚାରୀ ନିକୁଞ୍ଜ ପଣ୍ଡାଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଛି। ପଣ୍ଡା କିଛିଦିନ ଧରି ଲିଭର ଜନିତ ରୋଗରେ ପୀଡ଼ିତ ଥିଲେ। ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସେ ବିଏସଏନଏଲ ଟେଲିଫୋନ ସେବା କର୍ମଚାରୀ ଭାବରେ ଚଢେଇଧରାଠାରେ ଦୀର୍ଘଦିନ କର୍ଯ୍ୟ କରି ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଥିଲେ। ଜଣେ ଦକ୍ଷ ଟେଲି ସେବା କର୍ମଚାରୀ ଭାବରେ ଜଣାଶୁଣା ଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ଅନୁଷ୍ଠାନଗୁଡ଼ିକ ପ୍ରତି ତାଙ୍କ ଅକୁଣ୍ଠ ସହଯୋଗ ରହିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲା ପରିଷଦ ସଦସ୍ୟା ପ୍ରଣତୀ ଲେଙ୍କା, ଜଗଦିଶ ଜେନାମଣି, ସନ୍ତୋଷ କୁମାର ବିଶ୍ୱାଳ, ଅନନ୍ତ ପରିଡା, ବାବାଜୀ ଧଳ, ମନ୍ମଥ ପରିଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଲୁଟ୍ ଅଭିଯୋଗରେ ୫ ଗିରଫ

ମାର୍ଶାଘାଇ,୨୫।୯(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ପୋଲିସ ୫ ଲୁଟେରାଙ୍କୁ ଶନିବାର ଗିରଫ କରିଛି। ଏ ସଂକ୍ରାନ୍ତରେ ୫ ମାମଲା (ନଂ.୩୫୦/୨୧, ୩୮୩/୨୧, ୩୮୪/୨୧, ୩୮୫/୨୧ ଓ ୩୮୭/୨୧) ରୁଜୁ ହୋଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ମାର୍ଶାଘାଇ ଥାନା ଅଧୀନ ବଡ଼ପାଳ ଗ୍ରାମର ମାନସ ବେହେରା, ବୀରେନ୍ଦ୍ର ବେହେରା, ଅଠରବାଟିଆ ଗ୍ରାମର ପ୍ରଦୀପ କୁମାର ଦାସ ଓ ସିଦ୍ଧେଶ୍ୱର ସେଠୀ ଓ ଅନ୍ୟ ଜଣେ ନାବାଳକଙ୍କୁ ପୋସ୍କୋ କୋର୍ଟରେ ହାଜର କରାଯାଇଛି। ଏ ସମ୍ପର୍କରେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ଅଭିଯୁକ୍ତମାନେ ୫ଟି ସ୍ଥାନରେ ଅପରାଧ ଘଟାଇଥିଲେ। ଏକ ମୋବାଇଲ ଦୋକାନ ଶଟର ଭାଙ୍ଗି ସମସ୍ତ ଆସବାବପତ୍ର ଚୋରି କରିବା ସହିତ ମୋବାଇଲ ଫୋନ, ୯୦୦୦ ଟଙ୍କା ଜାତୀୟ ରାଜପଥରୁ ଲୁଟିଥିଲେ। ସେହିପରି ଏକ ତେଜରାତି ଦୋକାନରୁ ବିଭିନ୍ନ ସାମଗ୍ରୀ ଓ ରେଫ୍ରିଜେଟର ଚୋରି କରିଥିଲେ। ସେମାନଙ୍କ ନାମରେ ୧୦୦ ଲିଟର ଡିଜେଲ ଲୁଟିଥିବା ଅଭିଯୋଗ ହୋଇଛି। ଗିରଫ ୫ ଅଭିଯୁକ୍ତଙ୍କଠାରୁ ୨ ବାଇକ୍, ୪୫୦୦ ଟଙ୍କା, ୩ ମୋବାଇଲ ଫୋନ, ଗୋଟିଏ କଟର ମେଶିନ, ବ୍ଲେଡ, ଭୁଜାଲି, କଟୁରି, ଗାଡ଼ି କାଗଜପତ୍ର ଆଦି ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଆଇଆଇସି ପି.କେ. କାନୁନ୍‌ଗୋ ଉପସ୍ଥିତ ଥିଲେ।



ଗିରଫ ୫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ରାସ୍ତାରେ ବର୍ଷା ପାଣିର ଲହଡ଼ି



ସିଂହପୁର,୨୫।୯(ଡି.ଏନ.ଏ.)

ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକର ଜରୀଗ୍ରାମ ସାମଲ ସାହି ୧୬ ନଂ ୱାର୍ଡ ମୁଖ୍ୟ ରାସ୍ତାରେ ପାଣି ଲହଡ଼ି ଖେଳୁଛି। ୧୦ ଦିନ ହେଲା ଏହି ପାଣି ଜମି ରହିଥିବାରୁ ଲୋକେ ଯାତାୟାତର ବହୁ ସମସ୍ୟା ଭୋଗୁଛନ୍ତି। ଜଳ ନିଷ୍କାସନର ସୁବିଧା ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଲୋକେ ଅପରିଷ୍କାର ଓ ପଚା ପାଣିରେ ଯାତାୟାତ କରୁଥିବାରୁ ଚର୍ମରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଜଳ ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବନ୍ଧୁକ ଦେଖାଇ ଆତଙ୍କ, ୨ ଗିରଫ

ପଞ୍ଚାମୁଣ୍ଡାଇ,୨୫।୯(ସ୍ୱ.ପ୍ର.)

ଚଉଦକୁଲାଟ ଫାଣ୍ଡି ଅଧୀନ ଗୋଗୁଆ-ଚଉଦକୁଲାଟ ରାସ୍ତାର ଗୁଡିଆ ପୋଲ ନିକଟରେ ୨ ଯୁବକ ବନ୍ଧୁକ ଦେଖାଇ ଲୋକଙ୍କୁ ଧମକଚମକ ଦେବା ସହିତ ଆତଙ୍କ ସୃଷ୍ଟି କରୁଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ ପଞ୍ଚାମୁଣ୍ଡାଇ ପୋଖରିଆପଡା ଗ୍ରାମର ଶେଖ୍ ୱସିମ ଆକ୍ରମ ଓ ଆଳି ଥାନା ବାଲିସାହିର ଶେଖ୍ ଫତେ ଖାନ୍। ଏହି ଘଟଣାକୁ ନେଇ ପଞ୍ଚାମୁଣ୍ଡାଇ ଥାନାରେ ଏକ ମାମଲା (ନଂ,୫୭୧/୨୧) ରୁଜୁ ହୋଇଛି। ରବିବାର ଗିରଫ ୨ ଯୁବକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପଞ୍ଚାମୁଣ୍ଡାଇ ଥାନା ଆଇଆଇସି ତପନ କୁମାର ରାଉତ କହିଛନ୍ତି।

ଶନିବାର ସକାଳେ ଚଉଦକୁଲାଟ-ଗୋଗୁଆ ରାସ୍ତାରେ ଥିବା ପାଟନାଳୀରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଖବର ପ୍ରଚାରିତ ହେବା ପରେ ଭିଡ଼ ଜମିଥିଲା। ଏହାର କିଛି ଦୂରରେ ଥିବା ଗୁଡିଆ ପୋଲ ନିକଟରେ ୨ ଯୁବକ ମୋଟର ସାଇକେଲ ରଖି ଗପ କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣକ ଫୋନ ତଳେ ପଡିଯାଇଥିଲା। ଏହି ସମୟରେ ଚଉଦକୁଲାଟ ଗ୍ରାମର ଜଣେ ଯୁବକ ତଳେ ପଡିଥିବା ମୋବାଇଲ ସମ୍ପର୍କରେ ଉକ୍ତ ୨ ଯୁବକଙ୍କୁ ସୂଚନା ଦେବା ସହିତ ମୋବାଇଲ ଫୋନ ଉଠାଇ ନେବାକୁ କହିଥିଲେ। ଏଥିରେ ହଠାତ୍ ପ୍ରତିକ୍ରିୟାଶୀଳ ହୋଇ ଶେଖ୍ ଫତୋ ଉକ୍ତ ଯୁବକଙ୍କୁ ଗାଳିଗୁଲଜ କରିବା ସହିତ ପେଟ ତଳେ ଲୁଚାଇ ରଖିଥିବା ବନ୍ଧୁକ କାଢି ଧମକ ଦେବା ସହ ମାଡ ମାରିଥିଲେ। ଉକ୍ତ ଯୁବକଙ୍କ ପାଟି ଶୁଣି ନିକଟରେ ରୁଣ୍ଡ ହୋଇଥିବା ଶତାଧିକ ଲୋକେ ସେଠାରେ ପହଞ୍ଚି ୨ ଯୁବକଙ୍କୁ ଧରି ନିସ୍ଥୁକ ମାଡ ମାରିବା ସହିତ ପୋଲିସ ଜିମା ଦେଇଥିଲେ।

# ପ୍ରେମିକାଙ୍କ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ

ବାଲିଆପାଳ, ୨୫।୯(ସ୍ୱ.ପ୍ର)

ବିଲରୁ ମୃତଦେହ ଜବତ ଘଟଣା

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଘଣ୍ଟୁଆ ପଞ୍ଚାୟତର ବଡ଼କସବା ଗ୍ରାମରେ ଗୁରୁବାର ତରୁଣ କୁମାର ପାତ୍ର (୩୮) ନାମକ ଯୁବକଙ୍କ ମୃତଦେହ ଧାନ ବିଲରୁ ଜବତ କରାଯାଇଥିଲା। ଷଡଯନ୍ତ୍ରର ଶିକାର ହୋଇଥିବା ତରୁଣଙ୍କୁ ହତ୍ୟା ପରେ ଧାନବିଲରେ ପୋତିଦିଆଯାଇଥିବା ପୋଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ତରୁଣ ୧୦ବର୍ଷ ହେଲା ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରିଆସୁଥିଲେ। କିଛି ଦିନ ହେଲା ଉକ୍ତ ପ୍ରେମିକା ଅନ୍ୟ ଜଣେ ପୁରୁଷ ବନ୍ଧୁଙ୍କ ସହ ସମ୍ପର୍କ ରଖିଥିବା ତରୁଣ ଜାଣିବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ତରୁଣ ବୁଧବାର ସନ୍ଧ୍ୟାରେ ଘରୁ ବାହାରି ଯାଇ ଗୁରୁବାର ସକାଳ ଯାଏ ଆଉ ଘରକୁ ଫେରି ନ ଥିଲେ। ଏନେଇ ତରୁଣଙ୍କ ସ୍ତ୍ରୀ ଅଞ୍ଜଳି ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ବାଲିଆପାଳ ଥାନାରେ ଏକ ମାମଲା (ନଂ.୧୬୬/୨୧) ରୁଜୁ ହୋଇଥିଲା। ଥାନା ଆଇଆଇସି ପର୍ଶୁରାମ ସାହୁ, ଏଏସ୍‌ଆଇ ଫକୀର ଚରଣ ପ୍ରଧାନଙ୍କ ସହିତ ପୋଲିସ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ଏଟିଏମ୍ ତାଡ଼ି ଲୁଟ୍ ଉଦ୍ୟମ

ଆଳି,୨୫।୯(ଡି.ଏନ.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ଆଳି ଧୋୟାଞ୍ଚଳର ଗୋବିନ୍ଦପୁର ଗାନ୍ଧୀଛକରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଏକ ଏଟିଏମ୍‌କୁ ତାଡ଼ି ଟଙ୍କା ଲୁଟ୍ ଉଦ୍ୟମ ହୋଇଥିଲା। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଏଟିଏମ୍ ଦାୟିତ୍ୱରେ ଥିବା ଅଧିକାରୀ ଏ କଥା ଜାଣିବା ପରେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକେ ଏଟିଏମ୍ ନିକଟରେ ପହଞ୍ଚି ଯିବାରୁ ଡକାୟତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ଆଳି ପୋଲିସ ଏବଂ ବ୍ୟାଙ୍କ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


ତଡ଼ା ଯାଇଥିବା ଏଟିଏମ୍।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସ ୨ ତାରିଖ ରାତିରେ କଟକ-ଚାନ୍ଦବାଲି ରାସ୍ତାର ନିଆଳ ହାଟ ଓ ପତ୍ରପୁରଠାରେ ଥିବା ୨ଟି ଏଟିଏମ୍‌ରୁ ଲୁଟେରାମାନେ ୪୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଆଜି ପର୍ଯ୍ୟନ୍ତ ସେହି ଡକାୟତମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ।

# ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଲେ ଥାନା ଅଧିକାରୀ


ଖବରଦାତା ଅରିନ୍ଦମ ଦାସଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଉଛି।

ଧର୍ମଶାଳା,୨୫।୯(ଡି.ଏନ.ଏ.)

ଧର୍ମଶାଳା ପ୍ରେସ୍ କ୍ଲବରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଶନିବାର ଧର୍ମଶାଳା ନୂତନ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସେ ପ୍ରେସ୍ କ୍ଲବର କର୍ମକର୍ତ୍ତା ଓ ସଦସ୍ୟଙ୍କ ସହିତ ଧର୍ମଶାଳାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଏଥିସହ ଖବରଦାତାମାନଙ୍କ ସହଯୋଗ କାମନା କରିଥିଲେ। ଏଥିରେ ପ୍ରେସ୍ କ୍ଲବ ସଭାପତି ଇନ୍ଦ୍ରମଣି ନାୟକ, ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଉପସଭାପତି ଗୁଲାମ ଗସ, ସହସମ୍ପାଦକ ସୀତାକାନ୍ତ ସାମଲ, କୋଷାଧ୍ୟକ୍ଷ ମାନସ ରଞ୍ଜନ ଜେନା, ବରିଷ୍ଠ ସଦସ୍ୟ ସବ୍ୟସାଚୀ ବେହେରା, କପିଳେନ୍ଦ୍ର ରାଉତ, ଅଖିଳ ସ୍ୱାଇଁ, ଅନିଲ ନାୟକ, ପ୍ରଶାନ୍ତ ଗନ୍ତାୟତ, ବିବେକାନନ୍ଦ ରାୟ, ପ୍ରସନ୍ନ ପାଣି, କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା ଅରିନ୍ଦମ ଦାସଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଡାକ୍ତରଙ୍କ ପାଇଁ ସ୍ମୃତିସଭା

ପଞ୍ଚାମୁଣ୍ଡାଇ,୨୫।୯(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇର ଜନପ୍ରିୟ ଡାକ୍ତର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ପଞ୍ଚାମୁଣ୍ଡାଇ ମହିଳା କଲେଜ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପିକା କନକ ସାହୁ, ଅଧ୍ୟାପିକା ରାଜଲକ୍ଷ୍ମୀ ମହାନ୍ତ, ପ୍ରମୋଦ କୁମାର ସାହୁ, ଅକ୍ଷୟ କୁମାର ଧଳ, ସୁରେନ୍ଦ୍ର ବାରିକ, ସୁଧାଂଶୁ ରଞ୍ଜନ ସାମଲ, ସନ୍ତୋଷ ବାରିକ, ପ୍ରକାଶ ପାତ୍ର ପ୍ରମୁଖ ତାଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ନାରୀଶିକ୍ଷାର ପ୍ରସାର ପାଇଁ ଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ ପଞ୍ଚାମୁଣ୍ଡାଇ ମହିଳା କଲେଜର ପ୍ରତିଷ୍ଠାତା ସଦସ୍ୟ ଥିଲେ।

# ସୌରିକ ଆଥ୍‌ଲେଟିକ ଆସୋସିଏଶନ ସେମିରେ

ଓଏମ୍‌ସି କପ୍ ଫୁଟବଲ

ବ୍ୟାସନଗର,୨୫।୯(ଡି.ଏନ.ଏ.)

ଯାଜପୁର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଓଏମ୍‌ସି କପ୍ କେ. ବି. ଜେନା ମେମୋରିଆଲ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ସୌରିକ ଆଥଲେଟିକ ଆସୋସିଏଶନ କାଳିଆପାଣି ଚତୁର୍ଥ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଲିଗ ମ୍ୟାଚରେ ଦକ୍ଷିଣପଶି କ୍ଲବ ୩-୨ ଗୋଲରେ ଜୟ ଶିବ ପାର୍ବତୀ କ୍ଲବ ନାକାଦେଇକୁ, ଦ୍ୱିତୀୟ ଲିଗ ମ୍ୟାଚରେ ସୌରିକ ଆଥଲେଟିକ ଆସୋସିଏଶନ ୫-୦ ଗୋଲରେ ଶିବଶକ୍ତି କ୍ଲବ ପାଟପୁରକୁ, ତୃତୀୟ ଲିଗରେ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଜାରକା ୧-୦ ଗୋଲରେ କଳରଙ୍ଗୀ କ୍ଲବ ଟିସ୍କୋକୁ, ୪ର୍ଥ ଲିଗରେ ସୌରିକ ଆଥଲେଟିକ ଆସୋସିଏଶନ ୧-୦ ଗୋଲରେ ଦକ୍ଷିଣପଶି କ୍ଲବକୁ ପରାସ୍ତ କରିଥିଲା। ଟୁର୍ନାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲରେ ସୌରିକ ଆଥଲେଟିକ ଆସୋସିଏଶନ ୧-୦ ଗୋଲରେ ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଜାରକାକୁ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ନିଜର ସ୍ଥାନ ସଂରକ୍ଷଣ କରିଛି। ଶନିବାର ଅନୁଷ୍ଠିତ ଖେଳକୁ ଆଣ୍ଡ୍ରିୟାସା କାଣ୍ଡୁଲିନା, ଲକ୍ଷ୍ମଣ ଗାଗରାଇ, ଶୈଳେଶ ପାଣି ଏବଂ ସୁକାନ୍ତ ମଲ୍ଲିକ ପରିଚାଳନା କରିଥିବାବେଳେ ଅତିଥିଭାବେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ଏସ.କେ ନିହାଲଉଦ୍ଦିନ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ମହାନ୍ତି, ବିଜୟ ନାୟକ, ରମେଶ ପଣ୍ଡା, ନରେନ୍ଦ୍ର ବଳ, ଶରତ ଜେନା, ଅବଦୁଲ ସଲିମ, କୈଳାସ ମଲ୍ଲିକ ଓ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଟୁର୍ନାମେଣ୍ଟର ୨ଟି ସେମି ଫାଇନାଲ ଏବଂ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ମିଳିଛି।

# ଜାରକା ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

ଧର୍ମଶାଳା,୨୫।୯(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବର ୧୦ମ ଅଧିଷ୍ଠାନ ଉତ୍ସବ ଶାନ୍ତିବଜାରସ୍ଥିତ ଦୁର୍ଗାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ରୋଟାରି ଜିଲା ଗଭର୍ନର ପ୍ରଭୁଦତ୍ତ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡା. ନୀଳମାଧବ ରଥ, ସମ୍ମାନିତ ଅତିଥି ନନ୍ଦକିଶୋର ସାହୁ ଯୋଗଦେଇ ସାରା ବିଶ୍ୱରେ ରୋଟାରି କ୍ଲବର ସଦସ୍ୟ ନିଜକୁ ସେବା ପାଇଁ ସମର୍ପଣ କରିଚାଲିଛନ୍ତି ବୋଲି କହିଥିଲେ। ଜାରକା ରୋଟାରି କ୍ଲବର ଜନହିତକର ଓ ସେବା କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ। ରୋଟାରିଆନ ବିନୋଦ ବିହାରୀ ସାହୁ ସଭା ସଞ୍ଚାଳନା କରିଥିବା ବେଳେ ସୁକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ମିନତୀ ସାହୁ, ଅର୍ଚ୍ଚନା ସ୍ୱାଇଁ, ଉପାସନା ପଣ୍ଡା ଓ ଶକୁନ୍ତଳା ମହାନ୍ତି ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିବା ବେଳେ ମାଧୁରୀ ଶତପଥୀ ମନ୍ତ୍ରପାଠ କରିଥିଲେ। ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୦/୨୧ ବର୍ଷର ସଭାପତି ଉମେଶ ଜେନା ଓ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀଙ୍କ ରୋଟାରି ବର୍ଷ ସମାପ୍ତ ହୋଇଥିବାରୁ ୨୦୨୧/୨୨ ବର୍ଷ ପାଇଁ ନୂତନ ସଭାପତି ଭାବେ ନିରଞ୍ଜନ ପାଣିଗ୍ରାହୀ ଓ ସମ୍ପାଦକ ଭାବେ ଜ୍ୟୋତିପ୍ରକାଶ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଆଇନଜୀବୀ ରାମଚନ୍ଦ୍ର ରାୟ ଓ ଡା. ନୀଳମାଧବ ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୨୬୨ ରୋଟାରି ଜିଲାର କଟକ, ଯାଜପୁର, ପୁରୀ, ପାରାଦୀପ ଓ କଳିଙ୍ଗନଗରର କର୍ମକର୍ତ୍ତା ଯୋଗ ଦେଇଥିଲେ। ଉତ୍ସବରେ ଜାରକା ଇନରହୁଇଲର ସଦସ୍ୟା ଓ ରୋଟାରି କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ ଧନ୍ୟବାଦ ଦେଇଥିଲେ।


ଅଧିଷ୍ଠାନ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ମହିଳା କଲେଜରେ ଜାତୀୟ ସେବା ଯୋଜନା ଦିବସ

**ଧର୍ମଶାଳା, ୨୫।୯(ଡି.ଏନ.ଏ.):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧକ୍ଷା ଇନ୍ଦୁପ୍ରଭା ସାମଲ ଉଦ୍‌ଘାଟନ କରି ଜାତୀୟ ଏକତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରୋଗ୍ରାମ ଅଫିସର ଡ. ସୁନାକର ଦାସ ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଆଭିମୁଖ୍ୟ ତଥା ଶିକ୍ଷାର୍ଥୀଙ୍କ ଉପରେ ସକାରାତ୍ମକ ପ୍ରଭାବ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଅଧାପକ ସଚ୍ଚିଦାନନ୍ଦ ପ୍ରଧାନ, ଡ. ରାଜକିଶୋର ଜେନା, ଅଧାପିକ ସସ୍ମିତା ରାଉତରାୟଙ୍କ ସମେତ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୫୦ ସ୍ୱେଚ୍ଛାସେବୀ ଛାତ୍ରୀ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ।

### ଭାରତ ବନ୍ଦକୁ ସଫଳ କରିବାକୁ ନିବେଦନ

**ପାଣିକୋଇଲି, ୨୫।୯(ଡି.ଏନ.ଏ.):** ସେପ୍ଟେମ୍ବର ୨୭ ଭାରତ ବନ୍ଦକୁ ସଫଳ କରିବାକୁ ଭୁବନେଶ୍ୱରର ସାମ୍ୟଭବନ ପରିସରରେ ସିପିଆଇଏମ୍ ଓ ସିଆଇଟିୟୁ (ସିଟୁ) ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋଦି ସରକାରଙ୍କ କୃଷି ସର୍ବନାଶକାରୀ ୩ ଆଇନ ରଦ୍ଦ ସହ ୨୧ ଦଫା ଦାବି ନେଇ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା।

### ଟ୍ରାକ୍ଟର ଜବତ, ଚାଳକ ଗିରଫ

**ଧର୍ମଶାଳା/ଜେନାପୁର, ୨୫।୯(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ବାଘୁଆ ପାହାଡ଼ରୁ ବେଆଇନ କଳାପଥର ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ସକାଳେ ଅଞ୍ଜିରା ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ଚାଳକ ସନ୍ତୋଷ ବେହେରା (୩୧) ଟ୍ରାକ୍ଟରରେ କଳାପଥର ବୋଝେଇ କରି ଆସୁଥିବାବେଳେ ଜେନାପୁର ପୋଲିସ ହାତରେ ଧରା ପଡ଼ିଥିଲେ। ପୋଲିସ କାଗଜପତ୍ର ଯାଞ୍ଚ କରିବା ସମୟରେ ସେ ପରିବହନ ନିମନ୍ତେ ଉଦ୍ଦିଷ୍ଟ କାଗଜପତ୍ର ଦେଖାଇ ପାରି ନଥିଲେ। ଏହା ବେଆଇନ ଭାବେ ପରିବହନ ହେଉଥିବା ପୋଲିସ ଜାଣିପରି ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୨୭୮/୨୧ ରୁଜୁ ହୋଇଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

### କଣ୍ଟେନରକୁ ଧକ୍କାଦେଲା ବସ୍, ଚାଳକ ଆହତ

**ପାଣିକୋଇଲି, ୨୫।୯(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭରଶନରେ ଶନିବାର ଏକ କଣ୍ଟେନର ସହ ବସ୍ ଧକ୍କା ହେବା ଫଳରେ ବସ୍ ଚାଳକ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ରାଉତ(ଆନି) ନାମକ ଏକ ଯାତ୍ରୀବାହୀ ଘରୋଇ ବସ୍ ନଂ(ଓଡି୦୪ଏଲ୧୯୯୧) ଯାଉଥିଲା। ଏହି ସମୟରେ ଶର୍ମା ଡାଇଭରଶନରେ ଏକ କଣ୍ଟେନର ହଠାତ ଆରପଟକୁ ଯିବା ସମୟରେ ଧକ୍କା ହୋଇଥିଲା।

# ସହରକୁ ବିପଦ ପାଇପ ବିଛା କାର୍ଯ୍ୟ

- ଗାତ ଖୋଳି ପୋତା ଯାଉନି
- କ୍ରଶର ଗୁଣ୍ଡ ପକାଇ ପ୍ରଦୂଷଣ ସୃଷ୍ଟି

**ଯାଜପୁର ଅଫିସ, ୨୫।୯**

ବ୍ୟାସନଗରର ଟ୍ରାଫିକ ସମ୍ଭାଳିବାକୁ ସହରରେ ନୂତନ ବିକଳ୍ପ ରାସ୍ତା ପ୍ରତି ଧ୍ୟାନ ଦିଆଯାଉନାହିଁ। ଜିଲା ପ୍ରଶାସନ ଓ ବ୍ୟାସନଗର ମ୍ୟୁନିସିପାଲିଟିର ଏ ଦିଗରେ ସମନ୍ୱିତ ଉଦ୍ୟମ କି ଦୂରଦୃଷ୍ଟି ନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳର ଭାରିଯାନ ଚଳାଚଳ ଯୋଗୁ ବ୍ୟାସନଗରର ଧବଳଗିରିଠାରୁ ଚୋର୍ଦ୍ଦା ଛକ ଏବଂ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ଗୁଡ୍‌ସ ଶେଡ୍ ଯୋଗୁ ଗଣେଶ ମାର୍କେଟ ଦେଇ ଡାକବଙ୍ଗଳା ଛକ ଏବଂ ଦଳା ପର୍ଯ୍ୟନ୍ତ ରାସ୍ତାରେ ଲୋକେ ନାହିଁନ ଥିବା ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥିତିରେ ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ (ବିଜିଆର୍‌ଏଲ୍) କମ୍ପାନୀର ମନମୁଖି ଭାବେ ପାଇପ ବିଛା କାର୍ଯ୍ୟ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣ କରିଛି। ସହର ମଧ୍ୟରେ ପୂର୍ତ୍ତ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରି ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତା ଏଥିଯୋଗୁ ଛିନଭିନ୍ ହୋଇ ପଡ଼ିଛି। ଖାଲି ସହର ନୁହେଁ, ବ୍ୟାସନଗରଠାରୁ ସୁକିନ୍ଦା ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ଶତାଧିକ ଗାତଖୋଳି ଲୋକଙ୍କ ଜୀବନକୁ ବିପଦାପନ୍ନ କରାଯାଇଛି।



ବ୍ୟାସନଗର ସହରରେ ଗ୍ୟାସ୍ ପାଇପ ବିଛା କାର୍ଯ୍ୟ ଚାଲିଛି।

ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି।

ଉଲ୍ଲେଖଥାଉ କି, ବ୍ୟାସନଗରକୁ ଆସିବାକୁ ସାଧାରଣ ଭାବରେ ଧବଳଗିରି ଛକ, ଅଗ୍ନିଶମ ବିଭାଗ ନିକଟସ୍ଥ ଗୋଲେଇ ଛକ, ବେଣାପୁର ଛକ ଏବଂ ମୁଣ୍ଡୋମାଳ ରାସ୍ତା ବ୍ୟବହୃତ ହୋଇଥାଏ। ମିଲିଟାରି ଛକରୁ ଧବଳଗିରି ଛକ ପଟରୁ ବ୍ୟାସନଗରକୁ ପ୍ରବେଶ କରିବାକୁ ହେଲେ ଏକମାତ୍ର ଚୋର୍ଦ୍ଦା ମୁଖ୍ୟ ରାସ୍ତା ରହିଛି। ଏହି ରାସ୍ତାରେ ଶତାଧିକ ସ୍ଥାନରେ ଗ୍ୟାସ ପାଇପ ବିଛାଇବାକୁ ଗାତ ଖୋଳି ସେମିତି ଛାଡି ଦିଆଯାଉଛି। କେତେକ ସ୍ଥାନରେ ଗାତରେ କ୍ରଶର ଗୁଣ୍ଡ ପକାଇ ଦିଆଯାଉଥିବାରୁ ବାୟୁ ପ୍ରଦୂଷଣ ମଧ୍ୟ ସୃଷ୍ଟି ହେଉଛି। କୌଣସି ସିଗ୍‌ନାଲ ନ ଦେଇ ଗାତ ଖୋଲାଯାଉଥିବାରୁ ଦୁର୍ଘଟଣା ଘଟୁଛି। ନିକଟରେ ଇନ୍ଦିରା ଗାନ୍ଧୀ କଲେଜଠାରୁ ଛୋଟରାୟପୁର ରାସ୍ତାରେ ଏଭଳି ପାଇପ୍ ବିଛା ପାଇଁ ଖୋଲାଯାଇଥିବା ଗାତରେ ଜଣେ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏଥିଯୋଗୁ ଛୋଟରାୟପୁର ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଜିଆର୍‌ଏଲ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଗାତ ଖୋଳି ଛାଡ଼ି ଦେଉଥିବାରୁ ବର୍ଷା ହେଲେ ପକ୍କା ରାସ୍ତା ମଧ୍ୟ କର୍ଦ୍ଦମାକ୍ତ ହୋଇ ପଡୁଛି। ବାଇକ ଓ ସାଇକେଲ ଆରୋହୀ ଏଥିଯୋଗୁ ଖସି ପଡି ଯାଉଥିବା ଦେଖିବାକୁ ମିଳୁଛି। ପାଇପ ବିଛା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କମ୍ପାନୀ ପୂର୍ତ୍ତ ବିଭାଗ ସହ ଚୁକ୍ତି କରିଥିଲେ। ପାଇପ ବିଛା କାର୍ଯ୍ୟ ସରିଲେ ପୂର୍ବଭଳି ରାସ୍ତା ନିର୍ମାଣ କରାଯିବ ବୋଲି ଚୁକ୍ତିରେ ଦର୍ଶାଯାଇଥିଲା। କିନ୍ତୁ କେବଳ ମାଟି ଓ କ୍ରଶର ଗୁଣ୍ଡ ପକାଇ ଛାଡ଼ି ପଳାଇ ଯାଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହି କାରଣରୁ ଅନ୍ୟ ସମସ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଆଗାମୀ ଦୁର୍ଗା ପୂଜା ସମୟରେ ଏହି ପାଇପ ବିଛା କାର୍ଯ୍ୟ ଯୋଗୁ ଟ୍ରାଫିକ ଜାମ୍ ଅଧିକ ହେବା ନେଇ ଆଶଙ୍କା କରି ଚିନ୍ତାରେ ପଡ଼ିଛନ୍ତି ସହରବାସୀ।

# ନିଲମ୍ବିତ ଶିକ୍ଷକଙ୍କ ନାଁରେ ଥାନାରେ ଅଭିଯୋଗ

**ରସୁଲପୁର, ୨୫।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ନିଲମ୍ବିତ ସହକାରୀ ଶିକ୍ଷକ ବିଜୟ ଭୂଷଣ ଶରଣଙ୍କ ନାଁରେ ଶନିବାର ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୩୨୧/୨୧ ରୁଜୁ ହୋଇଛି। ମାମଲାର ତଦନ୍ତ ଦାୟିତ୍ୱ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ହାତକୁ ନେଇଛନ୍ତି।

ପ୍ରକାଶ ଯେ, ଜାଲ ପ୍ରମାଣପତ୍ର ଦେଇ ସମ୍ପୃକ୍ତ ସହକାରୀ ଶିକ୍ଷକ ଜଣକ ୩ବର୍ଷରୁ ଊର୍ଦ୍ଧ୍ୱକାଳ ଚାକିରି କରି ଆସୁଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ମଲ୍ଲିକ ତଦନ୍ତ କରୁଥିଲେ। ସେ ଚାକିରି ସମୟରେ ଦାଖଲ କରିଥିବା ପ୍ରମାଣପତ୍ର ଜାଲ୍ ବୋଲି ଜଣାପଡିବାରୁ ତାଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଥିଲା। ଏବେ ଥାନାରେ ଅଭିଯୋଗ ପରେ ୪୨୦ରେ ମାମାଲ ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ଶିକ୍ଷକଙ୍କ ଶିକ୍ଷାଗତ କାଗଜପତ୍ର ଯାଞ୍ଚ କରୁଛନ୍ତି। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ନିଲମ୍ବିତ ଶିକ୍ଷକଙ୍କୁ ଗିରଫ କରାଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ନିଲମ୍ବିତ ଶିକ୍ଷକଙ୍କ ଜଣେ ସମ୍ପର୍କୀୟ ପୂର୍ବରୁ ଜାଲପ୍ରମାଣପତ୍ର ଦେଇ ଚାକିରି କରିଥିଲେ। ତାଙ୍କର ପ୍ରମାଣପତ୍ର ଧରାପଡିବାରୁ ସେ ଚାକିରି ହାରଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା



ଚାଷ ଜମିରେ ବନ୍ୟାପାଣି ପଶି ରହିଛି।

**ବରୀ, ୨୫।୯(ଡି.ଏନ.ଏ.)**

ଚଳିତ ବର୍ଷ ବ୍ରାହ୍ମଣୀ ନଦୀରେ ଆସିଥିବା ବନ୍ୟା ଯୋଗୁ ବରୀ ବ୍ଲକ ଅଞ୍ଚଳରେ ୩ଟି ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏବେ ବନ୍ୟା ଛାଡ଼ିଥିଲେ ମଧ୍ୟ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବନ୍ୟା ଜଳ ଠିକ୍‌ରେ ନିଷ୍କାସନ ହୋଇ ନ ପାରିବାରୁ ଧାନ ଓ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଗୃହପାଳିତ ପ୍ରାଣୀଙ୍କ ପାଇଁ ମଧ ସମସ୍ୟା ସୃଷ୍ଟିହୋଇଛି। ବିଲବାଡ଼ି ପାଣି ମାଡ଼ି ଯାଇଥିବାରୁ ଗୃହପାଳିତ ପ୍ରାଣୀଙ୍କ ଖାଦ୍ୟ ସଙ୍କଟ ଦେଖାଦେଇଛି। ନିଜର ବର୍ଷକର ଆହାର ଯୋଗାଡ଼ କରିବାକୁ ଉଦ୍ୟମ କରୁଥିବା ଚାଷୀ ନିରାଶ ହୋଇ ପଡ଼ିଛନ୍ତି। ଫସଲ ହାନି ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ବର୍ଷ ଅଗଷ୍ଟ ମହାବନ୍ୟା ଯୋଗୁ ଚାଷୀ ଶତ ପ୍ରତିଶତ ଫସଲ କ୍ଷତି ସହିଥିଲେ। ହେଲେ ସେମାନଙ୍କୁ ବୀମା ରାଶି ମିଳି ନ ଥିଲା। ଚଳିତ ବନ୍ୟା ପରେ ପ୍ରଶାସନ ପକ୍ଷରୁ ଫସଲ କ୍ଷତିର ଆକଳନ କରାଯାଉଛି। ତେବେ ସରକାରୀ ସହାୟତା କେତେ ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଫଳରେ ଚାଷୀ କିଭଳି ସେମାନଙ୍କ ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏତଦ୍‌ବ୍ୟତୀତ ଜମିରେ ପାଣି ଜମି ରହିଥିବାରୁ ଗୃହପାଳିତ ପ୍ରାଣୀ ଏବେବି ନଦୀ ବନ୍ଧରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଲଗାତର ଲଘୁଚାପ ଜନିତ ବର୍ଷା ଯୋଗୁ ଗୃହପାଳିତ ପ୍ରାଣୀ ଥଣ୍ଡା, ଜ୍ୱରରେ ପୀଡ଼ିତ ହୋଇଛନ୍ତି। ବରୀ ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଚିକିତ୍ସା କରାଯାଉଛି। ତେବେ ମାଟିଆପଡ଼ା, ଉଦୟନାଥପୁର, ଜୋରକୂଳ, ବାଜପଡ଼ା, ଫୁଲପୁର ଆଦି ଅଞ୍ଚଳକୁ ଯାତାୟାତ ସୁବିଧା ନ ଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ବେଆଇନ ଗୋଚାଲାଣ ର୍‍ୟାକେଟ ସକ୍ରିୟ

## ଟ୍ରକ୍ ଜବତ, ୩୦ ଗୋରୁ ଉଦ୍ଧାର

**ଚଣ୍ଡିଖୋଲ, ୨୫।୯(ଡି.ଏନ.ଏ.)**

ବଡ଼ଚଣା ଥାନା ଅଧୀନ ଦର୍ପଣୀଠାରେ ବେଆଇନ ଗୋଚାଲଣ ର୍‍ୟାକେଟ ସକ୍ରିୟ ହୋଇଛନ୍ତି। ଏହା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଶୁକ୍ରବାର ରାତିରେ ଦର୍ପଣୀଠାରୁ ଟ୍ରକ୍‌ରେ ବେଆଇନ ଗୋଚାଲଣ କରାଯାଉଥିବା ସମୟରେ ବଡ଼ଚଣା ପୋଲିସ୍ ଚଢ଼ାଉ କରି ଜାରକା ନିକଟରୁ ଏକ ଟ୍ରକକୁ ଜବତ କରିବା ସହ ୩୦ ଗୋରୁଙ୍କୁ ଉଦ୍ଧାର କରିଛି।

ରାତିରେ ୩ଟି ଟ୍ରକ୍‌ରେ ଗୋଚାଲାଣ କରାଯାଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଫଳରେ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଘଟଣାସ୍ଥଳକୁ ଯାଇଥିଲେ। ଗୋଚାଲାଣକାରୀ ଖବର ପାଇବା ପରେ ଗାଡ଼ି ନେଇ ସେଠାରୁ ପଳାଇଥିଲେ। ପୋଲିସ ପିଛା କରି ୧୬ ନଂ. ଜାତୀୟ ରାଜପଥର ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଓଭର ବ୍ରିଜ ନିକଟରୁ (ଓଡି-୦୯-ଆର-୭୫୧୧) ଗୋରୁ ବୋଝେଇ ଏକ ଟ୍ରକ୍‌କୁ ଧରିଥିଲା। ଟ୍ରକ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ପୋଲିସ ସେହି ଟ୍ରକକୁ ଜବତ କରି ଆଣିବା ସହିତ ଗୋରୁଙ୍କୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗୋରୁହାଟ ପର୍ଯ୍ୟନ୍ତ ନେଇ ସେଠାରେ ହାଟ ଦାଣ୍ଡିଆ ଭାବେ କାମକରୁଥିବା ବ୍ୟକ୍ତିଙ୍କୁ ଜିମା ଦେଇଛନ୍ତି। ଜବତ ଟ୍ରକକୁ ଚଣ୍ଡିଖୋଲ ଫାଣ୍ଡିରେ ରଖାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ.୩୫୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପୋଲିସ ପିଛା କରି ଯାଇଥିଲେ ମଧ ଅନ୍ୟ ଦୁଇଟି ଟ୍ରକ ଫେରାର ହୋଇଯାଇଛନ୍ତି।





ଜବତ ଗୋରୁ ବୋଝେଇ ଟ୍ରକ୍।

ଉଲ୍ଲେଖଯୋଗ୍ୟ, ବଡ଼ଚଣା ପୋଲିସ ପକ୍ଷରୁ ପୂର୍ବରୁ ଦର୍ପଣଠାରୁ ୪୦ ଗୋରୁଙ୍କୁ ବେଆଇନ ଚାଲଣ ବେଳେ ଉଦ୍ଧାର କରାଯାଇ ଶୋଲରସ୍ଥିତ ଜରାଶ୍ରମ କର୍ତ୍ତୃପକ୍ଷଙ୍କ ଜିମା ଦିଆଯାଇଥିଲା। ତବେ ଗୋରୁ ମାଫିଆମାନେ କୋର୍ଟରେ ମକଦ୍ଦମା କରି ଗୋରୁଙ୍କୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ। ତେଣୁ ଏବେ ଉଦ୍ଧାର କରାଯାଉଥିବା ଗୋରୁଙ୍କୁ ପୋଲିସ କେଉଁଠାରେ ରଖିବ ସେଥିନେଇ ପ୍ରଶ୍ନ ଉଠିଛି। ଗୋଶାଳା କିମ୍ବା ଅନ୍ୟ ସଂସ୍ଥାଦ୍ୱାରା ରକ୍ଷଣାବେକ୍ଷଣ ସୁବିଧା ନ ଥିବାରୁ ପୋଲିସ ବାଧ ହୋଇ ଉଦ୍ଧାର କରିଥିବା ଗୋରୁଙ୍କ ହାଟଦାଣ୍ଡିଆ ଜିମା ଦେଇଛି। ତେବେ ଆଶ୍ଚର୍ଯ୍ୟର କଥା ନାନ୍‌ପୁର ଗୋରୁହାଟ ଚାଲୁ ନ ଥିଲାବେଳେ ହାଟ ଲିଜ୍ ନେଇଥିବା ବ୍ୟକ୍ତି ଗୋରୁ ମାଫିଆଙ୍କୁ ସାହାଯ୍ୟ କରୁଛନ୍ତି। ସେମାନେ କେତେକ ସ୍ଥାନରେ ନାନପୁର ହାଟରୁ ଗୋରୁ କିଣା ହୋଇଥିବା ନେଇ କାଗଜ ପତ୍ର ପୋଲିସ୍‌କୁ ଦେଖାଉଥିବା ଥାନାଅଧିକାରୀ ପ୍ରକାଶ କରିଛନ୍ତି।

### ଝୁମ୍ପୁରିରେ କୃଷିମେଳା

**ଝୁମ୍ପୁରି, ୨୫।୯(ଡି.ଏନ୍.ଏ)**

ଭାରତୀୟ ତୈଳ ନିଗମ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ଦଶରଥପୁର ବ୍ଲକ୍ ଝୁମ୍ପୁରୀ ବଜାରସ୍ଥିତ ବାବା କାର୍ତ୍ତିକେଶ୍ୱର ଫିଲିଂ ଷ୍ଟେଶନ ପରିସରରେ ଶନିବାର ଏକ କୃଷି ମେଳା ଅନୁଷ୍ଠିତ ହୋଇଯାଇଛି। ଫିଲିଂ ଷ୍ଟେଶନର ପ୍ରୋପ୍ରାଇଟର ଚନ୍ଦ୍ରକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷି ମେଳାରେ ବିପିସିଏଲ୍‌ର ସେଲସ୍ ମ୍ୟାନେଜର ଆଶିଷ ସୋମବଂଶୀ, ଦଶରଥପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଶଶାଙ୍କ ଶେଖର ମାଝି, କେପିଆର ଆଗ୍ରୋ କେମ୍‌ର ଏସ୍‌ଓ ଗଣେଶ ଚନ୍ଦ୍ର ସେଠୀ, ସାମାଜିକ କର୍ମୀ ଜୟନ୍ତ କୁମାର ନାୟକ, ଚମ୍ପେଇପାଳ ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ମଲ୍ଲିକ, ସମିତି ସଭ୍ୟାଙ୍କ ପ୍ରତିନିଧି କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇ ଉନ୍ନତମାନର କୃଷି ଉପରେ କୃଷକମାନେ ସର୍ବଦା ଯତ୍ନବାଦ ହେବାକୁ ମତବ୍ୟକ୍ତ କରିଥିଲେ। ଶତାଧିକ କୃଷକ ଯୋଗଦେଇଥିଲେ।

### ଜାତୀୟ ସେବା ଯୋଜନା ଦିବସ ପାଳିତ

**ଧର୍ମଶାଳା, ୨୫।୯(ଡି.ଏନ.ଏ.)**

ଧର୍ମଶାଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସେବା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତପନ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧାପକ ସ୍ୱରୁପାନନ୍ଦ ପଣ୍ଡା ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକ ଲିନା ରାୟ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନର ସମୟକୁ ଦୃଷ୍ଟିରେ ରଖି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଚାରାରୋପଣ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଭାବେ ୫୦ ଛାତ୍ରୀ ଯୋଗ ଦେଇଥିଲେ। ଅଧାପକ ନିମାଇଁ ଚରଣ କର ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ, ପୋଲିସ ତଦନ୍ତ ଜାରି

**ରସୁଲପୁର, ୨୫।୯(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଶନିବାର ଜଣେ ଅପରିଚିତ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ତାଙ୍କୁ ରସୁଲପୁର ଦମକଳବାହିନୀ ପକ୍ଷରୁ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାମାନ୍ୟ ସୁସ୍ଥ ହେବା ପରେ ତାଙ୍କୁ ଧର୍ମଶାଳା ଥାନା ଜରିଆରେ କୁଆଖିଆ ଥାନାରେ ହାଜର କରାଯାଇଛି। ପୋଲିସ ତାଙ୍କୁ ପଚରା ଉଚୁରା କରିବାରୁ ସେ ଜଣେ ଅଣ ଓଡ଼ିଆ ବୋଲି ଜଣାପଡ଼ିଛି। ମାତ୍ର ସେ କହୁଥିବା ଭାଷାକୁ ପୋଲିସ ବୁଝିବାରେ ବିଫଳ ହୋଇଛି। ଫଳରେ ତାଙ୍କ ପରିଚୟ ମିଳିବା କଷ୍ଟକର ହୋଇପଡ଼ିଛି।

ସୂଚନା ଅନୁସାରେ, ଗୋପାଳପୁର ଛକ ଦେଇ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ବିଲ କାମ କରିବାକୁ ସାଇକେଲରେ ଯାଉଥିଲେ। ତାଙ୍କ ସାଇକେଲରେ ଏକ ଦା' ରଖିଥିଲେ। ସେ ସାଇକେଲ ଧରି ଚାଲିକି ଯାଉଥିବା ଅବସ୍ଥାରେ ଯୁବକ ଜଣକ ହଠାତ୍ ତାଙ୍କ ଆଡକୁ ଆସି ସାଇକେଲ ପଛରେ ଥିବା ଦା'ଟିକୁ ନେଇ ଯାଇଥିଲେ। ଏହାପରେ ଦା' ସହାୟତାରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତାକ୍ତ କରି ପକାଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଟିମ୍ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲା। ତେବେ ସେ ମାନସିକ ଭାରସାମ୍ୟ ହରାଇଥିବା ଭଳିମନେ ହେଉଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି।

# ମଦ ବ୍ୟବସାୟୀଙ୍କୁ ପୋଲିସ ଅନୁକମ୍ପା

## ଅଭିଯୁକ୍ତଙ୍କୁ ଧରି ସ୍କୁଟିକୁ ଖସାଇଦେଲା

**ଝୁମ୍ପୁରି, ୨୫।୯(ଡି.ଏନ୍.ଏ)**

ମଦ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଯାଇ ମଙ୍ଗଳପୁର ଥାନା ପୋଲିସ ମଦ ସହ ଜବତ ସ୍କୁଟିକୁ ଖସେଇ ଦେଇଥିବା ଭଳି ଏକ ଗୁରୁତର ଅଭିଯୋଗ ଉଠିଛି। ମଙ୍ଗଳପୁର ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଦିନଦ୍ୱିପହରରେ ଛକ, ବଜାର, ମନ୍ଦିର ଓ ବିଦ୍ୟାଳୟ ପରିସର ମଦ୍ୟପଙ୍କ ଆଡ୍ଡା ଜମୁଛି। ଏ ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କଲେ ମଦ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଗୁରୁବାର ମଙ୍ଗଳପୁର ବଜାର ନିକଟରୁ ଏକ ସ୍କୁଟିରେ ଚୋରାମଦ ଚାଲାଣ ହେଉଥିଲା। ପୋଲିସ ସ୍କୁଟି ଡିକି ମଧ୍ୟରୁ ୪୦ରୁ ଊର୍ଦ୍ଧ୍ୱ ବିଦେଶୀ ମଦ ବୋତଲ ଜବତ କରି ଥାନାକୁ ଆଣିଥିଲା। ମାତ୍ର ପୋଲିସ ମୂଳଚାଲ କରି ରାତିରେ ସ୍କୁଟିକୁ ଖସାଇ ଦେଇଥିବା ଅଭିଯୋଗ ହେଉଥିବାବେଳେ ଅଭିଯୁକ୍ତ ଅଜୟ ଦାସ(୨୧)ଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଉଚ୍ଚ ପଦସ୍ଥ ଅଧିକାରୀ ଏହାର ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ଦାବି

- ବାହାର ଗାଡ଼ିକୁ ପ୍ରାଧାନ୍ୟ
- ଆନ୍ଦୋଳନ ଚେତାବନୀ

**ଯାଜପୁର ଅଫିସ/ ପାଣିକୋଇଲି(ଡି.ଏନ.ଏ.), ୨୫।୯**

ଯାଜପୁର ଜିଲାର ଖଣି ଓ ଶିଳ୍ପାଞ୍ଚଳରେ କେତେଜଣ ପ୍ରଭାବଶାଳୀ ଓ ନେତାଙ୍କ ମନମାନି ଚାଲିଛି। ସ୍ୱାର୍ଥ ହାସଲ ପାଇଁ ସରକାରଙ୍କ ସାରା ରାଜ୍ୟରେ ଗୋଟିଏ ଭଡା ଓ ଫାଷ୍ଟ କମ୍ ଫାଷ୍ଟ ଲୋଡ୍‌କୁ ବେଖାତିର କରାଯାଉଛି। ରାଜ୍ୟ ବାହାରର ଟ୍ରକଗୁଡିକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ସେମାନଙ୍କୁ ପ୍ରଥମେ ଲୋଡିଂର ବ୍ୟବସ୍ଥା କରାଯାଉଥିବାବେଳେ ଅଧିକ ଭଡା ମଧ୍ୟ ଦିଆଯାଉଛି। ଏହିକ୍ରମରେ ରାଜ୍ୟ ଟ୍ରକ ମାଲିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ ପାଣିକୋଇଲି ମା' ତାରିଣୀ ଟ୍ରକ ମାଲିକ ସଂଘ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଭଳି ପାତରଅନ୍ତର ନୀତିକୁ ନିନ୍ଦା କରାଯିବା ସହ ବୈଠକରେ ଆନ୍ଦୋଳନର ଚେତାବନୀ ଦିଆଯାଇଛି। କେନ୍ଦୁଝର ଜିଲା ଗାଡ଼ିକୁ ଛାଡ଼ି ଅନ୍ୟ ଜିଲାର ଗାଡ଼ିଗୁଡିକୁ ଅଧା ଭଡ଼ାରେ ଲୋଡ୍ କରାଯାଉଛି। ଏହାକୁ ନେଇ ଟ୍ରକ ମାଲିକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବିଭିନ୍ନ ଜିଲାର କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କୁ ପ୍ରଥମେ ଅବଗତ କରାଯିବ, ସମାଧାନ ନହେଲେ ରାଜପଥରେ ଧାରଣା ଦିଆଯିବ ସହ ଗାଡ଼ିଗୁଡ଼ିକୁ ଅଟକା ଯିବାକୁ ନିଷ୍ପତ୍ତି ହୋଇଛି। ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ପୁରଞ୍ଜନ ପାଢ଼ୀ, ସପନ ମହାପାତ୍ର, ଫିରୋଜ ବାଦଶାହା ପ୍ରମୁଖ ଅଂଶଗ୍ରହଣ କରିଥିଲେ।





ଟ୍ରକ୍ ମାଲିକ ସଂଘ ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

# କାମ ନ ସରୁଣୁ ଆରଡି ରାସ୍ତା ବିପର୍ଯ୍ୟସ୍ତ

## ୫ ବର୍ଷ ବି ଗଲାନି ୨ କୋଟି ଟଙ୍କାର ପ୍ରକଳ୍ପ

**ଯାଜପୁର ଅଫିସ, ୨୫।୯**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅର୍ନ୍ତଗତ ଗଡମଧୁପୁର ପଞ୍ଚାୟତ ସୁନାମୁଇଁ-କାନପୁର ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ କରି ନିର୍ମାଣ ହୋଇଥିବା ଏହି ରାସ୍ତା ୫ ବର୍ଷ ନ ପୂରୁଣୁ ସାଧାରଣ ଲୋକଙ୍କ କାମରେ ଲାଗି ପାରିନାହିଁ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଠିକାଦାରୀ ରାଜନୀତି ଏଥିପାଇଁ ଦାୟୀ ବୋଲି ମତପ୍ରକାଶ ପାଇଛି। ୨୦୧୬ରେ ଏହି ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିଲା। ଠିକାଦାର ରଘୁନାଥ ସାହୁଙ୍କୁ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୨୦୧୭ ପ୍ରାରମ୍ଭରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ସୁଦ୍ଧା ଶେଷ ହେବା କଥା। ତେବେ ଏପର୍ଯ୍ୟନ୍ତ ତାହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଅତି ନିମ୍ନମାନର ରାସ୍ତା କାମ କରାଯାଇ ସିଂହଭାଗ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷାରେ ବେଣାପାଟ ରାସ୍ତା ନଷ୍ଟ ହୋଇଯାଇଛି। ଏସମ୍ପର୍କରେ ଆରଡି ବିଭାଗର ଏସ୍‌ଡିଓ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଛନ୍ତି ଜଳସେଚନ ବିଭାଗ ଅଧୀନରେ ଥିବା ଏକ ପୁରୁଣା କର୍ଲଭଟ ବେଣାପାଟ କୁଆଁରିଆ ନାଳରେ ରହିଛି। ତେବେ ନୂତନ ଭାବେ ସେଠାରେ ଏକ କର୍ଲଭଟ ନିର୍ମାଣ କରିବାକୁ ଯୋଜନା ରହିଥିଲେ ହେଁ ଜଳସେଚନ ବିଭାଗ ଅନୁମତି ଦେଉନାହିଁ। ଫଳରେ ରାସ୍ତା କାର୍ଯ୍ୟ ଶେଷ ହୋଇ ପାରୁନାହିଁ ବୋଲି ସେ କହିଛନ୍ତି।



ଲଘୁଚାପ ବର୍ଷାରେ ବେଣାପାଟ ରାସ୍ତା ନଷ୍ଟ ହୋଇଯାଇଛି।

# ୧୭ କୋଟିରେ ଅଳକା ପୁନରୁଦ୍ଧାର

ଜଗତ୍‌ସିଂହପୁର ଅଫିସ, ୨୫।୯

ଅଳକା ନଦୀ ଦିନେ ସୁନାବ୍ୟା, ସୁଗଭୀର ଥିଲା। ଏଥିରେ ଜାହାଜ ଯାତାୟାତ କରିପାରୁଥିଲା। ତେଣୁ ତତ୍କାଳୀନ ହରିହରପୁର ତଥା ବର୍ତ୍ତମାନର ଜଗତ୍‌ସିଂହପୁରରେ ଇଂରେଜମାନେ ବ୍ୟବସାୟ କେନ୍ଦ୍ର ଅର୍ଥାତ୍ ବାଣିଜ୍ୟ କୋଠୀ କରିବାକୁ ସକ୍ଷମ ହୋଇଥିଲେ। ସମୟ ଚକ୍ରରେ ଅଳକା ତାର ସ୍ଥିତି ହଜାଇବାକୁ ବସିଛି। ମୃତପ୍ରାୟ ଏହି ନଦୀ ଖନନ ପାଇଁ ସରକାରୀ ଉଦ୍ୟମ ଆରମ୍ଭ ହୋଇଛି। ବୋରିକିନା ନିକଟ ଅଶିଲୋଠାରୁ ବୀରବରପାଟଣା ପର୍ଯ୍ୟନ୍ତ ୫୨.୩୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ମୃତ ନଦୀକୁ ଖନନ ପାଇଁ ୩ଟି ଭାଗରେ ବିଭକ୍ତ କରାଯାଇଛି। ଅଳକା ବାଲିକୁଦା ବ୍ଲକ ଅଞ୍ଚଳର ଅଶିଲୋ ଗ୍ରାମ ନିକଟରେ ସମୁଦ୍ରରେ ମିଶିଛି। ଏହି ସ୍ଥାନରୁ ପ୍ରଥମ ଭାଗ ୧୫ କିଲୋମିଟର ଉପର ମୁଣ୍ଡ ପର୍ଯ୍ୟନ୍ତ ଖନନ ପାଇଁ ୬,୪୭,୯୦,୦୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୨ୟ ଭାଗ ୧୫ରୁ ୩୨ କିଲୋମିଟର ଅର୍ଥାତ୍ ପାଖାପାଖି ଓଡ଼ିଶୋ ପର୍ଯ୍ୟନ୍ତ ୬,୪୨,୧୫,୦୦୦ ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି । ଏହି ଦୁଇ ଭାଗ କାମ ପାଇଁ ଟିଏସି (ଟେକ୍‌ନିକାଲ ଆଡଭାଇଜର କମିଟି) ଅନୁମୋଦନ ଲାଭ କରିଛି। ୩୨ରୁ



ପୋତି ହୋଇଯାଇଥିବା ଅଳକା ନଦୀ।

୫୨.୩୯ ଅର୍ଥାତ୍ ବୀରବରପାଟଣା ପର୍ଯ୍ୟନ୍ତ ୩ୟ ଭାଗ କାମ ପାଇଁ ୪,୨୬,୭୦,୦୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ପ୍ରଶାସନିକ ଅନୁମୋଦନ ପରେ ଟେଣ୍ଡର ହେବ। ୩ୟ ଭାଗ ଟିଏସି ଅନୁମୋଦନ ଅପେକ୍ଷାରେ ରହିଛି । ଖୁବଶୀଘ୍ର ଏହା ପ୍ରଶାସନିକ ଅନୁମୋଦନ ପାଇଁ ପଠାଯିବ। ଏହି ଖନନ କାମ ୨୦୨୨ ଜାନୁୟାରୀରୁ ଆରମ୍ଭ ହେବା ଆଶା କରାଯାଉଛି । ଏହା ସଫଳ ହେଲେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ଦୂର ହୋଇପାରିବ। ଅନ୍ୟପଟେ ଅଳକା ପୁନରୁଦ୍ଧାର ପରେ ସେଥିରେ ମତ୍ସ୍ୟ ଚାଷ କରାଯିବ। ଏନେଇ ୩ ବର୍ଷ ପୂର୍ବରୁ ରାଜ୍ୟ ସରକାର

- ୩୨ କିଲୋମିଟର ପାଇଁ ଟିଏସି ଅନୁମୋଦନ
- ପ୍ରଶାସନିକ ଅନୁମୋଦନକୁ ଅପେକ୍ଷା
- ଜାନୁୟାରୀରୁ କାମ ଆରମ୍ଭ ଆଶା
- ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ଲକ୍ଷ୍ୟ

ଯୋଜନା କରିଥିଲେ। ଏହା କେବେ ବାସ୍ତବ ରୂପ ନେଉଛି ତାହା ସମୟ କହିବ।

ଅଳକା ଉପରେ ଜମି ମାଫିଆଙ୍କ ଲୋଲୁପଦୃଷ୍ଟି କାରଣରୁ ତାର ସ୍ୱରୂପ ବଦଳିଯାଇଛି। ଅନେକ ଏହି ଜମିକୁ ଅସାଧୁ ରାଜସ୍ୱ କର୍ମଚାରୀଙ୍କ ସହଯୋଗରେ ନିଜ ନାଁରେ କରି ସାରିଛନ୍ତି। ଏହାର ଓସାର ସବୁସ୍ଥାନରେ ସମାନ ନାହିଁ। କିଛି ସ୍ଥାନରେ ନଦୀ ଶଯ୍ୟା ପୋତିହୋଇ ଯାଇଥିବାରୁ ଜଳ ନିଷ୍କାସନ ହୋଇପାରୁନି । ଯଦ୍ୱାରା ବର୍ଷାଦିନେ ଅନେକ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ବିଶେଷ ଭାବେ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଏହାର ସମାଧାନ ପାଇଁ ରାଜ୍ୟ ସରକାର ୨୦୧୬ରେ ଚିନ୍ତା କରିଥିଲେ । ଜଳ ନିଷ୍କାସନ ସହ ବିଶେଷକରି ମୃତ ନଦୀ ଗର୍ଭରେ ମତ୍ସ୍ୟ ଚାଷ ପାଇଁ ଉକ୍ତ ବର୍ଷ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା । ୨୦୧୮ ଫେବୃୟାରୀରେ କେନ୍ଦ୍ରୀୟ ଅନ୍ତସ୍ଥଳୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅନୁଧ୍ୟାନ କରିବା ସହ ଅନୁକୂଳ ମତ ଦେଇଥିଲେ। ସେତେବେଳେ ମୃତ ଅଳକାର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୧୫୦ ହେକ୍ଟର ବିଶିଷ୍ଟ ନଦୀରୁ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବା ଆଶା କରାଯାଉଛି । ଶତାଧିକ ବେକାର ଯୁବକ ଆତ୍ମ ନିର୍ଭରଶୀଳ ହୋଇପାରିବେ। ସ୍ୱୟଂ ସହାୟକ ଗୋଷ୍ଠୀ ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। ଏହି ଯୋଜନା ଅଧାରେ ଅଟକିଥିଲା। ଏବେ ଅଳକା ଖନନ ନେଇ ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଡ୍ରେନେଜ ଡିଭିଜନ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ବେହେରା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୩୨ କିଲୋମିଟର ଅଳକା ଖନନ କରାଯିବାର ଯୋଜନା ରହିଛି। ଜଗତ୍‌ସିଂହପୁର ସହର ଅଞ୍ଚଳରେ ବିଶେଷ କରି ଜବରଦଖଲ ଥିବା ଜଣାଯାଇଛି। ଏହା ଉପରେ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ବାଇକ୍ ପୋଡ଼ି ଅଭିଯୋଗ

**ପାଣିକୋଇଲି,୨୫।୯(ଡି.ଏନ୍.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଇକ୍ ପୋଡ଼ି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗ୍ରାମର ମନୋଜ ଓଝା ଷଠିପୁର ବରୁଣ୍ଡାଇ ରାସ୍ତାର ସପିପୋଲ ନିକଟରେ ଏକ କାଠ ଆସବାସପତ୍ର ଦୋକାନ କରିଛନ୍ତି। ସେ ଦୋକାନ ବନ୍ଦକରି ରାତିରେ ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଦୋକାନରେ ପଶି ସମସ୍ତ ଆସବାସପତ୍ର ଯଥା: ସାଇଣ୍ଡର, କଟର, ଡ୍ରିଲ, ରନ୍ଦା ଓ ମୋଟର ଇତ୍ୟାଦି ଚୋରି କରି ନେଇଛନ୍ତି। ଏହାପରେ ସେଠାରେ ଥିବା ଏକ ବାଇକ୍(ଓଡି-୩୪-ଏ-୭୪୨୨)କୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ସକାଳୁ ମନୋଜ ଯାଇ ଏହା ଦେଖିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୨୪୬/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ସ୍କ୍ରାପ୍ ଲୁଟ୍ ଘଟଣାରେ ୨ ଗିରଫ

**କଳିଙ୍ଗନଗର,୨୫।୯(ଡି.ଏନ.ଏ.):** ନୀଳାଚଳ ଇସ୍ପାତରୁ ସ୍କ୍ରାପ ଲୁଟ୍ ଘଟଣାରେ କଳିଙ୍ଗନଗର ପୋଲିସ ଶନିବାର ୨ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁକିନ୍ଦା ଥାନା ଅଧୀନ ହରିପୁରର ପପୁ ରାଉତ (୨୮) ଏବଂ ତ୍ରିନାଥ ନାୟକ ( ୨୦)। ଏନେଇ ଥାନାରେ ଏକ ମାମଲା ନଂ.୧୧୨/୨୧ ରୁଜୁ ହୋଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ମେ' ମାସରେ ନୀଳାଚଳ କାରଖାନାରେ ପଶି ଦୁର୍ବୃତ୍ତ ସ୍କ୍ରାପ ଲୁଟ କରିଥିଲେ। ଏସମ୍ପର୍କରେ ନୀଳାଚଳ କମ୍ପାନୀର ଅଧିକାରୀ କଳିଙ୍ଗନଗର ପୋଲିସ ନିକଟରେ ଅଭିଯୋଗ କରିଥିଲେ।

### ଭାରତ ବନ୍ଦ ସଫଳ ପାଇଁ ନିବେଦନ

**ଯାଜପୁର ଟାଉନ,୨୫।୯(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ଆସନ୍ତା ୨୭ରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଭାରତ ବନ୍ଦ ଡାକରା ଦେଇଛି। ଏହି ବନ୍ଦକୁ ସମର୍ଥନ ଜଣାଇଛି ନବନିର୍ମାଣ କୃଷକ ସଂଗଠନ ଏବଂ କେତେକ ଗଣ ସଂଗଠନ। ରବିବାର ଯାଜପୁର ସହରରେ ଏକ ମିଳିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଣାଯାଇଥିବା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସିପିଆଇ, ସିପିଆଇ(ଏମ), ଏସୟୁସିଆଇ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭାରତ ବନ୍ଦକୁ ସମର୍ଥନ ଜଣାଇବାକୁ ଉକ୍ତ ସମ୍ମିଳନୀରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

### ପଣ୍ଡିତ ଦୀନଦ୍ୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

**ରାଜନଗର,୨୫।୯(ଡି.ଏନ୍.ଏ.):** ଶନିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ରାଜନଗରରେ ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ସଞ୍ଜୟ କୁମାର ବାଗ, ମୁଖ୍ୟବକ୍ତା ଭାବେ ଦୋଳଗୋବିନ୍ଦ ଜେନା ଯୋଗଦେଇ ପଣ୍ଡିତଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନଗର ବ୍ଲକ ଯୁବ ସଂଯୋଜକ ଦେବଦତ୍ତ ସେଠୀ ପରିଚାଳନା କରିଥିବା ବେଳେ ସୌମ୍ୟରଞ୍ଜନ ସେଠୀ, ଓଁମକାର ଜ୍ୟୋତି ବର୍ଦ୍ଧନ, ସୁକୁମାର ମାନ୍ନା, ପୂର୍ଣ୍ଣଚନ୍ଦ୍ର ସେଠୀ, ସରିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଗାଡ଼ିରୁ ଚାନ୍ଦା ଆଦାୟ ଅଭିଯୋଗ: ୨ ଗିରଫ

ପାରାଦୀପ,୨୫।୯(ସ୍ୱ.ପ୍ର.)

ପାରାଦୀପ ଅଭୟଚାନ୍ଦପୁର ପୋଲିସ ଚାନ୍ଦା ଆଦାୟ ଅଭିଯୋଗରେ ଶନିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧ ଲକ୍ଷ ୮୩ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତ ହେଲେ ନିରଞ୍ଜନ ଦାସ ଓ ଦିବ୍ୟଜ୍ୟୋତି ଦାସ। ଅଭିଯୁକ୍ତଦ୍ୱୟ ତୈଳ ବିଶୋଧନାଗାରର ଟିଟିଏଲ ଗେଟ ପାଖରେ ଗ୍ୟାସ ଟ୍ୟାଙ୍କଯୁକ୍ତ ଲରୀଠାରୁ ଚାନ୍ଦା ଆଦାୟ କରୁଥିଲେ। ସିକ୍ୟୁରିଟି ଅଫିସର ଜଗନ୍ନାଥ ପ୍ରଧାନଙ୍କ ଅଭିଯୋଗକ୍ରମେ ମାମଲା (ନଂ.୯୧/୨୧) ରୁଜୁ ହୋଇଛି।

## ଲୁହା ଛଡ଼ ଚୋରି, ଜଣେ ଗିରଫ

ପାରାଦୀପ,୨୫।୯(ସ୍ୱ.ପ୍ର.)

ପାରାଦୀପ ଲକ୍ଷ୍ମୀନା ପୋଲିସ ଶନିବାର ଲୁହା ଛଡ଼ ଚୋରିଅଭିଯୋଗରେ ରଙ୍ଗିଆଗଡ ଗ୍ରାମର ହେମନ୍ତ ସାହୁଙ୍କୁ ଗିରଫ କରିଛି। ସେ ତୈଳବିଶୋଧନାଗାରରେ ଚାକିରି କରନ୍ତି। ତାଙ୍କଠାରୁ ୫ କୁଇଣ୍ଟାଲ ଲୁହା ଛଡ଼ ଜବତ କରାଯାଇଛି। ଏନେଇ ମାମଲା (ନଂ. ୨୩୮/୨୧) ରୁଜୁ ହୋଇଛି। ଏହି ଗ୍ରାମରୁ ପୂର୍ବରୁ ଲୁହାଛଡ଼ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ତାଙ୍କୁ ଗୋଟିଏ ଦିନ ଅଟକ ରଖିବା ପରେ ଛାଡି ଦେଇଛି। ଏସମ୍ପର୍କରେ ଥାନାଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି, ଅଭିଯୁକ୍ତ ଘର ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି ଦେଇଥିବା ଜଣାପଡ଼ିବା ପରେ ଛାଡ଼ି ଦିଆଯାଇଛି।

# ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

ଏରସମା,୨୫।୯(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଗୋଡା ସମବାୟ ସମିତି ପକ୍ଷରୁ ଧାନ ବିକ୍ରି ପାଇଁ ବହୁ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରିନାହିଁ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ବି ପଦକ୍ଷେପ ନିଆଯାଇ ନ ଥିବାରୁ ଚାଷୀମାନେ ପ୍ରତିକ୍ରିୟାଶୀଳ ହୋଇଯାଇଛନ୍ତି। ପ୍ରତିବାଦରେ ଚାଷୀମାନେ ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଶନିବାର ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ୪ ଘଣ୍ଟା କାଳ ସେମାନେ ଧାରଣା ବସିଥିଲେ। ମାତ୍ର ବିଭାଗୀୟ ଅଧିକାରୀ ନ ଆସିବାରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଧାରଣାରେ ଉମେଶ ଲେଙ୍କା, ନିରଞ୍ଜନ ପ୍ରଧାନ, ଭ୍ରମରବର ରାଉତ,ଯୋଗେନ୍ଦ୍ର ପ୍ରଧାନ,ବୈକୁଣ୍ଠ ପ୍ରଧାନ ଓ ରମେଶ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ଗତ ଅଗଷ୍ଟ ୨୬ ଶେଷ ତାରିଖ ଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ କାଗଜପତ୍ର



ଧାରଣା ବସିଥିବା ଚାଷୀମାନେ

- ୧୨୯ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇ ନ ଥିଲା
- ପ୍ରତିଶ୍ରୁତି ସତ୍ତ୍ୱେ କାର୍ଯ୍ୟକାରୀ ନ ହେବାରୁ ପୁନର୍ବାର ଆନ୍ଦୋଳନ
- ବିଭାଗୀୟ ଅଧିକାରୀ ନ ଆସିବାରୁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଦାଖଲ ସତ୍ତ୍ୱେ ପୋର୍ଟାଲ ବନ୍ଦ ଥିବାରୁ ୧୨୯ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନ ଥିଲେ। ପ୍ରତିବାଦରେ ସେପ୍ଟେମ୍ବର ୬ରେ ଶତାଧିକ ଚାଷୀ ସମିତି ଘେରାଉ କରିଥିଲେ। ବିଭାଗୀୟ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ୨୫ ସେପ୍ଟେମ୍ବର ଏଥିପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରତିଶ୍ରୁତି ରକ୍ଷା କରା ନ ଯିବାରୁ ଚାଷୀ ଆନ୍ଦୋଳନ ତେଜିବାରେ ଲାଗିଛି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

ଜଗତ୍‌ସିଂହପୁର ଅଫିସ, ୨୫।୯

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋଲର ମଲ୍ଲୁରାଇର ହରିହର ଷଡ଼ଙ୍ଗୀଙ୍କ ସ୍ତ୍ରୀ ସୁଧାଂଶୁ କୁମାରୀ ଶତପଥୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ଭାଇ ସନ୍ତୋଷ କୁମାର ଶତପଥୀ ଥାନାରେ ଅଭିଯୋଗ କରିଛନ୍ତି। ୨୭।୧୭ରେ ମଲ୍ଲୁରାଇର ହରିହର ଷଡ଼ଙ୍ଗୀଙ୍କ ସହ ତଥା ବାଲିକୁଦା ଥାନା କୁଳିଆଗାଁର ସୁଧାଂଶୁଙ୍କ ବିବାହ ହୋଇଥିଲା । ବାହାଘର ପୂର୍ବରୁ ଭଉଣୀ ଶ୍ୱଶୁର ଘର ପକ୍ଷରୁ ୪ ଲକ୍ଷ ଟଙ୍କା ଯୌତୁକ ଦାବି କରାଯାଇଥିଲା। ମାତ୍ର ସୁଧାଂଶୁଙ୍କ ଘର ପକ୍ଷରୁ ୩ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ବିବାହ ପରେ ତାଙ୍କ ଶାଶୁଘର ଲୋକେ ଅଧିକ ୩ ଲକ୍ଷ ଟଙ୍କା ଯୌତୁକ ବାବଦରେ ଦାବି କରିଥିଲେ। ଏନେଇ ବିଭିନ୍ନ ସମୟରେ ଭଉଣୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଭଉଣୀଠାରୁ ନିର୍ଯାତନା ସମ୍ପର୍କିତ ଖବର



ସୁଧାଂଶୁ କୁମାରୀ ଶତପଥୀ

ପାଇ ସନ୍ତୋଷ ଗତ ୧୦ ତାରିଖରେ ମଲ୍ଲୁରାଇ ଯାଇଥିଲେ। ସେଠାରେ ଭଉଣୀଙ୍କ ସହ କଥା ହେଲାବେଳେ ଭିଣୋଇଙ୍କ ସହ ଶାଶୁ ଘର ଲୋକେ ଆସି ୩ ଲକ୍ଷ ଟଙ୍କା ନ ଦେଲେ ଭଉଣୀଙ୍କୁ ମାରି ଦିଆଯିବ ବୋଲି ଧମକ ଦେଇଥିଲେ। ଶନିବାର ଭଉଣୀଙ୍କ ମୃତ୍ୟୁ ସମ୍ପର୍କିତ ଖବର ମିଳିଥିଲା। ଶ୍ୱଶୁର ଘର ଲୋକେ ମିଳିତଭାବେ ସୁଧାଂଶୁ ହତ୍ୟା କରି ଝୁଲାଇ ଦେଇଛନ୍ତି ବୋଲି ସନ୍ତୋଷ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା (ନଂ. ୪୭୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ରାସ୍ତାରେ ପାଣି ଜମି ନର୍ଦ୍ଦମା

ନାଉଗାଁ,୨୫।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତ ଭଟଣା ଗାଁର ୧୫ ନଂ. ୱାର୍ଡରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ନଳକୂପ ନିକଟରେ ସୋକ୍‌ପିଟ ୨୦୨୦ରେ ନିର୍ମାଣ କରାଯାଇଥିଲା। ଏହି ସୋକ୍‌ପିଟ ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ହେଲା ନଳକୂପ ବ୍ୟବହାର ସମୟରେ ଯେଉଁ ପାଣି ବାହାରେ ତାହା ନଷ୍ଟ ନ ହୋଇ ଏହି ସଞ୍ଚୟ ହୋଇ ରହିବ। ଫଳରେ ନଳକୂପ ଚତୁଃପାର୍ଶ୍ୱରେ ନର୍ଦ୍ଦମା ସୃଷ୍ଟି ହେବନାହିଁ। କିନ୍ତୁ ଏହି ୱାର୍ଡରେ ନିର୍ମାଣ କରାଯାଇଥିବା ସୋକ୍‌ପିଟ ବର୍ଷେ ନ ପୂରୁଣୁ ଭାଙ୍ଗି ରୁଜି ଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୋକ୍‌ପିଟଟି ଭାଙ୍ଗିଯିବା ଦ୍ୱାରା ନଳକୂପରୁ ବାହାରୁଥିବା

### ବର୍ଷେ ନ ପୂରୁଣୁ ଭାଙ୍ଗିଲା ସୋକ୍‌ପିଟ୍



ପାଣି ଗ୍ରାମ୍ୟ ରାସ୍ତା ଉପରେ ଜମୁଛି। ଯାହାଦ୍ୱାରା ସେଠାରେ ନର୍ଦ୍ଦମା ସୃଷ୍ଟି ହୋଇ ଅସ୍ୱାସ୍ଥ୍ୟକର ପରିବେଶ ହୋଇଛି। ଫଳରେ ରାସ୍ତାରେ ଯାତାୟାତ କରିବାକୁ ସାଧାରଣ ଲୋକଙ୍କ ପକ୍ଷେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ସୋକ୍‌ପିଟକୁ ମରାମତି କରିବାକୁ ୱାର୍ଡର ମଙ୍ଗୁଳି ମହାନ୍ତି, କୃତ୍ତିବାସ ମହାନ୍ତିଙ୍କ ସମେତ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଅପରପକ୍ଷେ ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଉକ୍ତ ସୋକ୍‌ପିଟରେ ନିୟମାନୁସାରେ ୪ଟି ନନ୍ଦ ପକାଯିବା କଥା। କିନ୍ତୁ ଏଥିରେ ୩ଟି ନନ୍ଦ ପକାଯାଇ ନିର୍ମାଣ କରାଯାଇଛି। କାମ ନିମ୍ନମାନର ଯୋଗୁ ସୋକ୍‌ପିଟଟି ବର୍ଷକ ମଧ୍ୟରେ ଭାଙ୍ଗି ଯାଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଶାରଦା ପ୍ରସନ୍ନ ସ୍ୱାଇଁଙ୍କୁ ପଚାରିବାରେ ଉକ୍ତ ପଞ୍ଚାୟତ ଦାୟିତ୍ୱ ଅଳ୍ପ ଦିନ ହେବ ନେଇଛି। ପୂର୍ବରୁ କ'ଣ ହୋଇଥିଲା ଜାଣି ନାହିଁ। ଉକ୍ତ ସୋକ୍‌ପିଟ ବିଲ୍ ହୋଇଛି କି ନାହିଁ ଦେଖିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ତଳିଆ କର୍ମଚାରୀଙ୍କ ଦୋଷ, ବଡ଼ବଡ଼ିଆ ଖସିଗଲେ

ରଘୁନାଥପୁର,୨୫।୯(ଡି.ଏନ.ଏ.)

ରଘୁନାଥପୁର ଥାନା କୁର୍ତ୍ତାଙ୍ଗ କଲେଜ ନିକଟରେ ସେପ୍ଟେମ୍ବର ୯ରେ ଖୁଣ୍ଟ ପକାଯିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହେବା ସହ ୩ଜଣ ଶ୍ରମିକ ଗୁରୁତର ହୋଇଥିଲେ। ମୃତକ ହେଲେ ଢେଙ୍କାନାଳ ଗଁଦିଆ ଥାନା ଦକ୍ଷିଣପଶି ଗାଁର ରେଙ୍ଗାଲୀ ପୂର୍ତ୍ତିଙ୍କ ପୁଅ ଦୀପୁନା। ଘଟଣା ଘଟିବାର ପରଦିନ ଟିପିସିଓଡିଏଲ ଚେୟାରମ୍ୟାନ ନରେଶ କପୁରଙ୍କ ସହ ନିରାପତ୍ତା ବିଭାଗ ମୁଖ୍ୟ ସନ୍ତୋଷ ଡାଙ୍ଗେ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେମାନେ ଏସ୍‌ଡିଓ, ଯନ୍ତ୍ରୀ ଓ ଲାଇନମ୍ୟାନଙ୍କୁ ଜେରା କରିଥିଲେ। ସେହିଦିନ ସନ୍ଧ୍ୟାରେ

### ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣା

ପରିସ୍ଥିତିକୁ ହାଲୁକା କରିବାକୁ ଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଯନ୍ତ୍ରୀ ଓ ଲାଇନମ୍ୟାନଙ୍କୁ ନିଲମ୍ବନ କରି ଚୁପ ହୋଇ ବସିଛନ୍ତି। ଏଥିରେ ପ୍ରକୃତ ଦୋଷୀଙ୍କୁ ଖସାଇ ଦିଆଯାଉଥିବା ବୁଦ୍ଧିଜୀବୀଙ୍କ ପକ୍ଷରୁ ଚର୍ଚ୍ଚା ହେଉଛି। ଠିକା ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇବା ପୂର୍ବରୁ ଠିକାଦାରଙ୍କ ପକ୍ଷରୁ ବିଦ୍ୟୁତ୍ ବିଚ୍ଛିନ୍ନ ସମ୍ପର୍କରେ ଠିକ୍ ଭାବେ ସୁପରଭାଇଜ କରାଯାଇଥିଲା କି ନାହିଁ। ଶ୍ରମିକମାନେ କାର୍ଯ୍ୟ ଆରମ୍ଭ ସମୟରେ ହେଲମେଟ, ଜୋତା ଓ ହାତରେ ଗ୍ଲୋବ୍‌ସ ପିନ୍ଧିଥିଲେ କି, ଏପରି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଯୁବକଙ୍କୁ ଠିକାଦାର ବିନା ପ୍ରୋଟେକ୍ସନରେ ବିଦ୍ୟୁତ୍ କାର୍ଯ୍ୟରେ ଲଗାଇ ସେମାନଙ୍କୁ ମରଣମୁହଁକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ଅଧିକାରୀମାନେ ଏହାର ତଦନ୍ତ କରିବା ଜରୁରୀ ହୋଇ ପଡ଼ିଛି। ଏହାଛଡ଼ା ବିଭାଗୀୟ ଏସଡିଓ ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଯଦି ଯତ୍ନବାନ ଥାନ୍ତେ ତାହା ହେଲେ ଏପରି ଅଘଟଣ ଘଟି ନ ଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଏସ୍‌ଡିଓ ବିଶ୍ୱ ରଞ୍ଜନ ଦେଉରୀଙ୍କୁ ପଚାରିବାରେ ବର୍ତ୍ତମାନ ପର୍ଯ୍ୟନ୍ତ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଯାହା କିଛି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଶିକ୍ଷକଙ୍କୁ ମାଡ଼ମାରି ଗାଡ଼ି ଛଡ଼ାଇନେଲେ

କୁଜଙ୍ଗ,୨୫।୯(ଡି.ଏନ୍.ଏ.)

ଋଣ ଶୁଝିଲା ପରେ ଫାଇନାନ୍ସ କମ୍ପାନୀ କିପରି ଋଣଗ୍ରହୀତାଙ୍କ ଉପରେ ଦାଦାଗିରି କରନ୍ତି ତା'ର ଜ୍ୱଳନ୍ତ ଉଦାହରଣ କୁଜଙ୍ଗ ବ୍ଲକରେ ଦେଖିବାକୁ ମିଳିଛି। ଜଣେ ଶିକ୍ଷକଙ୍କୁ ମାଡ଼ମାରି କମ୍ପାନୀର କର୍ମଚାରୀମାନେ ଗାଡ଼ି ଛଡାଇ ନେଇଛନ୍ତି। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତିଖିରି ଗ୍ରାମର ଅଶୋକ ପଟ୍ଟନାୟକ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ଜୁନ ୨୦୧୯ରେ ଏକ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ କରି ହୁଣ୍ଡା ଆକ୍ଟିଭା କିଣିଥିଲେ । ଡାଉନପେମେଣ୍ଟ ବାବଦରେ ୨୦ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ପାଇଁ ମାସିକ ୫,୩୧୮ଟଙ୍କା ଲେଖାଏ କିସ୍ତି ଦେଉଥିଲେ। ୧୪ଟା କିସ୍ତିରେ

### ଫାଇନାନ୍ସ କମ୍ପାନୀର ଦାଦାଗିରି

ଅର୍ଥ ଶୁଝିବାପାଇଁ ଚୁକ୍ତି ହୋଇଥିଲା । ମାତ୍ର ଫାଇନାନ୍ସ କମ୍ପାନୀ ଚଞ୍ଚକତା କରି ଅଧିକ ୪ଟା କିସ୍ତି ଟଙ୍କା କାଟି ନେଇଛି । ଅଶୋକ ଏ ସମ୍ପର୍କରେ କମ୍ପାନୀର ମ୍ୟାନେଜରଙ୍କୁ ପଚାରିବାରୁ ଆହୁରି ୩୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଶୁଝିବାର ଅଛି ବୋଲି କହିଥିଲେ। ନ ଶୁଝିଲେ ଗାଡି ଟାଣି ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। କୌଣସି ଉପାୟ ନ ପାଇ ଅଶୋକ ଜଗତ୍‌ସିଂହପୁର ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ଖାଉଟି ଅଦାଲତର ଓକିଲ ବିଷ୍ଣୁପ୍ରିୟା ସାହୁ ଗାଡି ଟଣା ଉପରେ ରହିତାଦେଶ ପାଇଁ ୫।୨।୨୦୨୧ରେ କେସ (ନଂ.୯/୨୧) କରିଥିଲେ । ଅଦାଲତ ସମସ୍ତ କାଗଜପତ୍ର ଦେଖିବା ସହ ଜବାବ ଶୁଣିବାପରେ ୧୯।୩।୨୧ରେ ଗାଡି ଉଠାଣ ଓ ଅଶୋକ ପ୍ରଦାନ କରିଥିବା ଚେକ ନ ଭଙ୍ଗାଇବା ପାଇଁ ଆଦେଶ ଜାରି କରିଥିଲେ । ଏ ସମ୍ପର୍କିତ ନୋଟିସ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀକୁ ଦିଆଯାଇଥିଲା । ମାତ୍ର ଏହାକୁ ଅବଜ୍ଞା କରି ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଗତ ୧୮ରେ ଅଶୋକ କୁଜଙ୍ଗ ବଜାର ଆସିଥିବା ବେଳେ ତାଙ୍କୁ ମାଡ଼ମାରି ଗାଡ଼ି ଛଡାଇ ନେଇଥିଲେ । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୁପ୍ ବସିଛି ବୋଲି ଅଶୋକ କହିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ଅଭୟ ପରିଡା କହିଛନ୍ତି, କମ୍ପାନୀ କର୍ମଚାରୀ ଟେଲିଫୋନ ଗ୍ରହଣ କରୁନାହାନ୍ତି । ଏହି କମ୍ପାନୀର କାର୍ଯ୍ୟାଳୟ କଟକରେ ଥିବାରୁ ସେଠାକୁ ଗଲେ କମ୍ପାନୀ କର୍ମଚାରୀଙ୍କୁ ଡକାଯିବ ।

# ୨୧ଦିନ ହେବ ଡାକସେବା ଠପ୍

ବାଲିଆ, ୨୫।୯

ବିରିଡି ବ୍ଲକର ଅଣଖିଆଠାରେ ଡାକ କାର୍ଯ୍ୟାଳୟରେ ଗ୍ରାହକ ସେବା ଠପ୍ ହୋଇଯାଇଛି। ଗତ ୪ ତାରିଖରୁ ଗ୍ରାହକମାନେ ପ୍ରତିଦିନ ଡାକ କାର୍ଯ୍ୟାଳୟକୁ ଆସି ନିରାଶ ହେଉଛନ୍ତି। ଇଣ୍ଟରନେଟ୍ ଲିଙ୍କ ବାଧାପ୍ରାପ୍ତ ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି ବୋଲି ପୋଷ୍ଟମାଷ୍ଟର ପ୍ରମିଳା ମଲିକ କହିଛନ୍ତି। ଶଡେଇଶାସନ ଗ୍ରାମର ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ସେ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ଡାକଘରେ ଜମା ଥିବା ଅର୍ଥରୁ କିଛି ଉଠାଇବାକୁ ଆସିଥିଲେ। ମାତ୍ର କର୍ମଚାରୀମାନେ ଲିଙ୍କ ନ ଥିବା କହି ଫେରାଇ ଦେଇଥିଲେ। ନାତୁଣୀ ପାଇଁ





ଅଣଖିଆସ୍ଥିତ ଡାକ ଘର

ସୁକନ୍ୟା ଯୋଜନାରେ ଅର୍ଥ ଭରିବା ପାଇଁ ସେ ବାରମ୍ବାର ଆସୁଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡୁଛି। କେବଳ ସେ ନୁହନ୍ତି ୨୧ ଦିନ ହେବ ବହୁ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ପୋଷ୍ଟମାଷ୍ଟର ମଲ୍ଲିକ କହିଛନ୍ତି, ଇଣ୍ଟର୍‌ନେଟ୍ ପ୍ରଦାନକାରୀ କମ୍ପାନୀର କେବଲକୁ ଗତ

- ଇଣ୍ଟରନେଟ୍ ଲିଙ୍କ୍ କଟିଯାଇଛି
- ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି

୪ ତାରିଖରେ ଜାତୀୟ ରଜପଥରେ ପାଣି ପାଇପ ବସାଉଥିବାବେଳେ ଠିକାଦାର ଜେସିବି ମେଶିନରେ ତାଡ଼ି ଦେଇଥିଲେ। ଏନେଇ କମ୍ପାନୀର ସ୍ଥାନୀୟ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଏଥିପ୍ରତିଦୃଷ୍ଟି ଦେଉନାହାନ୍ତି। ଫଳରେ ଗ୍ରାହକ ସେବାରେ ସମସ୍ୟା ଉପୁଜୁଛି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ସହ ଦେଶୀମଦ ଜବତ, ଜଣେ ଗିରଫ



**ଖଣ୍ଡପଡ଼ା,୨୫।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମ ନିକଟରୁ ପୋଲିସ ୧୦ଲିଟର ଦେଶୀମଦ ସହିତ ବାଇକ୍ ଜବତ କରିଛି। ଏକ ବାଇକ୍‌ରେ ଦେଶୀ ମଦ ଚୋରା ଚାଲାଣ ବେଳେ ପୋଲିସ ଅଚାନକ ଚଢାଉ କରିଥିଲା। ଏହି କାରବାରରେ ସମ୍ପୃକ୍ତ ଥିବା ବରଡାବାରି ଗ୍ରାମର ରଞ୍ଜନ କୁମାର ପଣ୍ଡାଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଏକ ମାମଲା (ନଂ.୧୯୨/୨୧) ରୁଜୁ ହୋଇଛି।

### ଛୁରାମାଡ଼ରେ ଗ୍ରାହକ ଆହତ, ଦୋକାନୀ ଗିରଫ

**ହିଞ୍ଜିଳିକାଟୁ,୨୫।୯(ଡି.ଏନ୍.ଏ):** ହିଞ୍ଜିଳିକାଟୁ ଏନ୍‌ଏସି ହାଇସ୍କୁଲ ନିକଟରେ ଥିବା ଏକ ଫାଷ୍ଟଫୁଡ଼ ଦୋକାନ ମାଲିକଙ୍କ ଛୁରା ମାଡ଼ରେ ଗ୍ରାହକ ଆହତ ହୋଇଛନ୍ତି। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ଦୋକାନ ମାଲିକ ସୁନୀଲ ପାଢ଼ିଙ୍କୁ କୋର୍ଟ ଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜାନିନଗରର ସନ୍ତୋଷ ବେହେରା ଉକ୍ତ ଫାଷ୍ଟଫୁଡ଼ ଦୋକାନକୁ ଯାଇଥିଲେ। ତୁରନ୍ତ ଖାଦ୍ୟ ଅର୍ଡର ନେଇ ସୁନୀଲ ଓ ସନ୍ତୋଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୁନୀଲ ରାଗିଯାଇ ଏକ ଧାରୁଆ ଛୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ହିଞ୍ଜିଳି ଥାନା ପୋଲିସ ନଂ. ୫୦୯/୨୧ରେ ମାମଲା ରୁଜୁ କରି ଦୋକାନ ମାଲିକ ସୁନୀଲଙ୍କୁ ଗିରଫ କରିଥିଲା।

### ନବଜାତ ଶିଶୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୫।୯:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡ ମେଡିକାଲ ପରିସରରେ ଥିବା ନାଳ ନିକଟରେ ଏକ ନବଜାତ ଶିଶୁର ମୃତଦେହ ଶନିବାର ଦେଖିବାକୁ ମିଳିଛି। ଶିଶୁଟିକୁ ଜନ୍ମ ଦେବା ପରେ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପରେ ଅଭିଭାବକ ଶିଶୁଟିର ମୃତଦେହକୁ ଏକ ନାଳ କଡରେ ଫୋପାଡ଼ି ଦେଇ ପଳାଇଥିବା ସନ୍ଦେହ କରାଯାଉଛି। ଶିଶୁଟିର ମୃତଦେହ କୁକୁର ଖାଇ ଦେଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ଏଭଳି ଘଟଣାକୁ ନିନ୍ଦା କରିଛନ୍ତି।

# ବାହାଡ଼ାଖୋଲା ଗୋରୁହାଟର ଅବ୍ୟବସ୍ଥା

- ଅଧିକ ଜାଗା ମାଡ଼ି ବସିଛନ୍ତି ଦଲାଲ
- ଦୁର୍ଗନ୍ଧରେ ଫାଟି ପଡୁଛି ହାଟ ପରିସର

**ନୂଆଗାଁ,୨୫।୯(ଡି.ଏନ.ଏ.)**

ରାଜ୍ୟରେ ପ୍ରଥମ ଏବଂ ଦେଶରେ ଦ୍ୱିତୀୟ ସର୍ବବୃହତ୍ ଗୋରୁହାଟର ମାନ୍ୟତା ପାଇଥିବା ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡ଼ାଖୋଲା ଗୋରୁହାଟ ଦୀର୍ଘଦିନ ହେବ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଗୋରୁହାଟର ଅନେକ ଜାଗାକୁ ଦଲାଲମାନେ ମାଡ଼ି ବସିଛନ୍ତି। ଅବଶିଷ୍ଟ ସ୍ଥାନରେ ଆବର୍ଜନା ପଡି ରହିବା ଯୋଗୁ ସେହି ପରିସର ଦୁର୍ଗନ୍ଧରେ ଫାଟି ପଡୁଥିବା ଅଭିଯୋଗ ହୋଇଛି।

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲାରେ ଏକ ଗୋରୁହାଟ ପ୍ରତିଷ୍ଠା କରାଯାଇଥିଲା। କିଛି ବର୍ଷ ଉକ୍ତ ହାଟ ପଞ୍ଚାୟତର ଦାୟିତ୍ୱରେ ଥିଲା। ପରେ ସରକାର ଉକ୍ତ ହାଟକୁ ହାତକୁ ନେଇଥିଲେ। ମାସର ପ୍ରତି ଗୁରୁବାର ହାଟ ବସୁଥିଲା। ଚାଷୀମାନେ ହାଟକୁ ଆସି କିଣାବିକା କରୁଥିଲେ। ଜିଲା ବାହାରୁ ଅନେକ ଚାଷୀ ଏହି ହାଟକୁ ଆସି ବ୍ୟବସାୟ କରୁଥିଲେ। ଗତ କିଛିବର୍ଷ ହେଲା ପ୍ରଶାସନ ଏହି ହାଟକୁ ଅଣଦେଖା କରିବା ଫଳରେ ଅବ୍ୟବସ୍ଥା ଲାଗି ରହିଛି। ୯ ଏକର ପରିମିତ ଗୋରୁହାଟର ଅନେକ ଜାଗାକୁ ଦଲାଲମାନେ ଅକ୍ତିଆର କରିଛନ୍ତି। ହାଟ ପରିସରକୁ ଜବରଦଖଲ କରାଯାଇ ଘର ନିର୍ମାଣ କରାଯାଇଛି। କେବଳ ନୋଟିସ ଜାରି କରି ଜିଲା ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ ହେଉଛି। ଗୋରୁ,ଛେଳି ମେଣ୍ଢା ଆଦି କିଣା ବିକା କରିବା ପାଇଁ ପ୍ରତି ଗୁରୁବାର ଶତାଧିକ ବେପାରୀ ହାଟକୁ ଆସିଥାନ୍ତି। ହେଲେ ଏବେ ଅବ୍ୟବସ୍ଥା ଦେଖି ସେମାନେ ମୁହଁ ବୁଲାଉଛନ୍ତି। ବାହାର ପାଣି ହାଟ ପରିସରକୁ ଜଳମଗ୍ନ କରୁଛି। ଦୀର୍ଘ ମାସ ହେଲା ଗୋବର, ପାଳକୁଟା ସଫା କରାଯାଉ ନ ଥିବାରୁ ତାହା ପାଣିରେ ଭିଜି ଦୁର୍ଗନ୍ଧ ସୃଷ୍ଟି କରୁଛି। ହାଟକୁ ପରିଷ୍କାର କରିବା ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଦାୟିତ୍ୱ ହୋଇଥିବା ବେଳେ ସେଥିରେ ବ୍ୟତିକ୍ରମ ଘଟିଛି। ହାଟ ନିକଟରେ ନିଶା ଦ୍ରବ୍ୟ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆରଏମ୍‌ସି ସେକ୍ରେଟାରୀ ସୁଦାମ ଚରଣ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି, ୨ ଦିନ ଭିତରେ ହାଟ ସଫା କରାଯିବ। ବେଆଇନ୍ ଦଖଲ କରିଥିବା ବ୍ୟକ୍ତିଙ୍କୁ ଆମେ ନୋଟିସ କରିଥିଲୁ। ସେଥିରୁ କେତେଜଣ ଲୋକ ଆଇନର ଆଶ୍ରୟ ନେଇଛନ୍ତି। ଅବଶିଷ୍ଟ ଜବରଦଖଲକାରୀଙ୍କୁ ଖୁବ୍‌ଶୀଘ୍ର ଉଚ୍ଛେଦ କରିବାକୁ ଉପଜିଲାପାଳଙ୍କ ସହ କଥା ହୋଇଥିବା ସେ ସୂଚନା ଦେଇଛନ୍ତି।



ହାଟ ପରିସର ଅସ୍ୱାସ୍ଥ୍ୟକର ପରିବେଶ।

# ବିପଦସଙ୍କୁଳ ହାଇମାଷ୍ଟ ଲାଇଟ୍ ଖୁଣ୍ଟ

**ଖଣ୍ଡପଡ଼ା,୨୫।୯ (ସ୍ୱ.ପ୍ର.)**

କଣ୍ଟିଲୋ ଯାତ୍ରାପଦା ବଜାର ଛକରେ ଆଜିକୁ ୧୮ବର୍ଷ ତଳେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଅକାମୀ ହୋଇପଡିଛି। ଏଥିସହିତ ରକ୍ଷଣାବେକ୍ଷଣ ଅଭାବରୁ ସେହି ଲାଇଟ୍ ଖୁଣ୍ଟର ନିମ୍ନଭାଗ ନଷ୍ଟ ହୋଇଯାଇଛି। ଘରୋଇ ବିଦ୍ୟୁତ୍ ଲାଇନ୍‌ରେ ସଂଯୋଗ ହୋଇଥିବା ଟଣକା ତାରରେ ତାହା ଅଟକି ରହିଛି। ପରିସ୍ଥିତି ଏପରି ହୋଇଛି ଯେ କୌଣସି ମୁହୂର୍ତ୍ତରେ ତାହା ଭାଙ୍ଗି ପଡ଼ିପାରେ। ହେଲେ ସେହି ଲାଇଟ୍‌କୁ କାର୍ଯ୍ୟକ୍ଷମ କରାଇବା ସହିତ ଉକ୍ତ ଖୁଣ୍ଟର ପରିବର୍ତ୍ତନ କରିବା ପାଇଁ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୨୦୦୩ରେ ତତ୍କାଳୀନ ଭୁବନେଶ୍ୱର ଏମ୍‌ପି ପ୍ରଶନ୍ନ କୁମାର ପାଟଶାଣୀଙ୍କ ହାତପାଣ୍ଠି ଅର୍ଥରେ ବିଭିନ୍ନ ପଞ୍ଚାୟତକୁ ହାଇମାଷ୍ଟ ଲାଇଟ୍ ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ କଣ୍ଟିଲୋ ପଞ୍ଚାୟତ ଅଧୀନ ଶ୍ରୀନୀଳମାଧବ ଜୀଉ ମନ୍ଦିର ପୂର୍ବଦ୍ୱାର ଓ କଣ୍ଟିଲୋ ଯାତ୍ରାପଦା ବଜାର ଛକରେ ଗୋଟିଏ ଲେଖାଏ ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା। ମାତ୍ର ଲାଇଟ୍ ଲାଗିବାର ୨ବର୍ଷ ନ ପୂରୁଣୁ ସେହି ଲାଇଟଗୁଡିକ ଅକାମୀ ହୋଇପଡିଥିଲା। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଜଣାଇବା ସତ୍ତ୍ୱେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆମର ନୁହେଁ, ପଞ୍ଚାୟତର ବୋଲି କହୁଥିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ମଧ ଦାୟିତ୍ୱ ଆମର ନୁହଁ ବୋଲି କହି ଆସୁଛନ୍ତି। ତେବେ କିଏ ସେହି ଲାଇଟ୍‌ର ମାଲିକ ଆଜି ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ସ୍ଥାନୀୟ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ମୂଳ ଖାଇଯାଇଥିବା ଲାଇଟ୍ ଖୁଣ୍ଟ।

# ବର୍ଷାରେ ଭିଜୁଛି ଜିଆଖତ

**ନୂଆଗାଁ,୨୫।୯(ଡି.ଏନ୍.ଏ.)**

ରାସ୍ତା କଡ଼ ବର୍ଷା ପାଣିରେ ଜିଆ ଖତ ଭିଜୁଛି। ହେଲେ ବନବିଭାଗ କର୍ତ୍ତୃପକ୍ଷ ସେହି ଖତକୁ ସାଇତି ରଖିବାର କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ସରକାରକା ମାଲ୍ ନ୍ୟାୟରେ ତାହା ପଡ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ବନ ବିଭାଗ ବିଭିନ୍ନ ସ୍ଥାନରେ ଚାରା ରୋପଣ କରୁଛି। ନିୟମ ଅନୁସାରେ ଚାରା ରୋପଣ କରିବା ପରେ କୋଡ଼ାଖୁସା କରି ପାଣି ଦେବା କଥା। ଏହାପରେ ଜିଆ ଖତ ଦିଆଯାଏ। ଜିଆ ଖତ ଉପରେ ମାଟି ଦେଇ ଆବଶ୍ୟକ ଅନୁଯାୟୀ ସାର ଦେବାର ନିୟମ ରହିଛି। ସେହି ଅନୁଯାୟୀ ବନ ବିଭାଗକୁ ସରକାର ସାର ଯୋଗାଇ ଦେଉଛନ୍ତି। କିନ୍ତୁ ଏଠି ବନ ବିଭାଗ କେବଳ ଚାରା ରୋପଣ କରି କାମ ସାରିଦେଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ନୂଆଗାଁ ବ୍ଲକ୍ ଗୁମୀ ପଞ୍ଚାୟତ ଡିମିରିଆ ନିକଟ ରାସ୍ତାପାର୍ଶ୍ୱରେ ଏକାଧିକ ବସ୍ତା ଜିଆଖତ ବର୍ଷା ପାଣିରେ ଭିଜୁଥିବା ଦେଖିବାକୁ ମିଳିଛି। ୮ରୁ ୧୦ଦିନ ହେବ ବସ୍ତାଗୁଡ଼ିକ ସେଠାରେ ପଡିଥିଲେ ମଧ୍ୟ ତାକୁ ସୁରକ୍ଷିତ ସ୍ଥାନକୁ ନିଆଯାଉନାହିଁ। ଏ ସଂକ୍ରାନ୍ତରେ ମହିପୁର ବନାଞ୍ଚଳ ଦାୟିତ୍ୱରେ ଥିବା ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପ୍ରଶ୍ନ କରିବାକୁ ଗଛରେ ସାର ଦେବା ପାଇଁ ରଖାଯାଇଛି ବୋଲି ହାଲକା ଭାବେ କହିଛନ୍ତି।



ବର୍ଷାରେ ଭିଜୁଥିବା ଜିଆ ଖତ।

### ଶ୍ରାଦ୍ଧରେ ଗଣ୍ଡଗୋଳ, ଯୁବକ ଗିରଫ

**ବଲସକୁମ୍ପା,୨୫।୯**

ଚଳିତ ବର୍ଷ ଏପ୍ରିଲରେ ଖଜୁରିପଡ଼ା ଥାନା ଅନ୍ତର୍ଗତ ପ୍ରେମଖୋରି ଗାଁରେ ଏକ ଶ୍ରାଦ୍ଧ ବାର୍ଷିକ କାର୍ଯ୍ୟ ଚାଲୁଥିବା ଯୋଗୁ ନିମନ୍ତ୍ରିତ ହୋଇ ସମ୍ପର୍କୀୟ ବନ୍ଧୁ, ବାନ୍ଧବ ଓ ଅତିଥିମାନେ ଆସିଥିଲେ। ସେହି ଅତିଥିମାନଙ୍କ ଗହଣରେ ଚକାପାଦ ଥାନା ଅନ୍ତର୍ଗତ ନନ୍ଦିନୀ ଗ୍ରାମର ଯୁବକ ହରିବନ୍ଧୁ ନାୟକ ମଧ ଆସିଥିଲେ। କୌଣସି କାରଣରୁ ବଚସା ହୋଇ ପ୍ରେମଖୋରୀ ଗ୍ରାମର ଶିବ ଦିଗାଲ ହରିବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ହରିବନ୍ଧୁ କୌଣସି ପ୍ରକାରେ ଜୀବନ ବଞ୍ଚାଇ ଉକ୍ତ ସ୍ଥାନରୁ ଚାଲିଯିବା ପରେ ଖଜୁରିପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୦/୨୧ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଖୋଜିଥିଲେ। ମାତ୍ର ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ଫୁଲବାଣୀ ଟାଉନ ଥାନା ପୋଲିସ ସହଯୋଗରେ ଫୁଲବାଣୀ ସ୍ଥିତ ଜିରିଙ୍ଗିପଡ଼ାରେ ଚଢ଼ାଉ କରି ଅଭିଯୁକ୍ତ ଶିବଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

# 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଜରୁରୀ'

**ଗଣିଆ,୨୫।୯ (ଡି.ଏନ.ଏ.)**

ନେହେରୁ ଯୁବ କେନ୍ଦ୍ର, ନୟାଗଡ଼ ଓ ଶ୍ରୀ ଚୈତନ୍ୟ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମବାର୍ଷିକ ଉପଲକ୍ଷେ ଶନିବାର କିଶୋରପ୍ରସାଦସ୍ଥିତ ଡ. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଫିଟ୍ ଇଣ୍ଡିଆ ମେଗା ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗ ଓ ବ୍ୟାୟାମ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସ୍ଥ ଓ ନୀରୋଗ ରଖିଥାଏ। ଯୋଗ ଓ ଶାରୀରିକ ଶ୍ରମ ନ କରିବା ଦ୍ୱାରା ବହୁ ଯୁବବର୍ଗ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏଣୁ ସମସ୍ତ ଯୁବ ବର୍ଗଙ୍କୁ ଫିଟ ରହିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗିରିଶ ଚନ୍ଦ୍ର ମିଶ୍ର, ଜାତୀୟ ଯୁବ ସ୍ୱେଚ୍ଛାସେବୀ ଦେବବ୍ରତ ମିଶ୍ର ଓ ତୁଷାର ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପରେ ମହାବିଦ୍ୟାଳୟ ପରିସରରୁ କିଶୋରପ୍ରସାଦ ପଞ୍ଚାୟତ ପର୍ଯ୍ୟନ୍ତ ଏକ ସଚେତନତା ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୯୬ଜଣ ଯୁବବର୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରିୟବ୍ରତ ମିଶ୍ର ଓ ଶୁଭାଶିଷ ମିଶ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବବର୍ଗ।

# ନଦୀକୁ ନ ଯିବାକୁ ସତର୍କ କଲା ପ୍ରଶାସନ

**ଦଶପଲ୍ଲା,୨୫।୯ (ଡି.ଏନ.ଏ.)**

ଦଶପଲ୍ଲାସ୍ଥିତ କୁଆଁରିଆ ନଦୀକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଶନିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଛି। କୁଆଁରିଆ ଜଳ ଭଣ୍ଡାରର ଜଳସ୍ତରବୃଦ୍ଧି ପାଇଛି। ଆସନ୍ତା ୨ ଦିନ ପରେ ବାତ୍ୟା ସମ୍ଭାବନା ଥିବାରୁ କେଉଁ ମୂହୁର୍ତ୍ତରେ କୁଆଁରିଆ ଜଳଭଣ୍ଡାରରୁ ପାଣି ଛଡାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ସେଥିପାଇଁ ସାଧାରଣ ନଦୀକୁ ନ ଯିବା ଏବଂ ଗୋରୁଙ୍କୁ ନଦୀକୁ ନ ଛାଡିବା ପାଇଁ ସୂଚନା ଦିଆଯାଇଛି। ଏଥିପାଇଁ ଜନସାଧାରଣ ସତର୍କ ରହିବାକୁ ପ୍ରଚାର କରାଯାଇଛି।

# ରାସ୍ତାରେ ଭାସୁଛି ପାନୀୟ ଜଳ

**ଦଶପଲ୍ଲା,୨୫।୯(ଡି.ଏନ.ଏ.)**

ଦଶପଲ୍ଲା ପୌରାଞ୍ଚଳର ୪ନଂ. ୱାର୍ଡ ଅମଲାପଡ଼ା କିଶୋରେଶ୍ୱର ଶିବ ମନ୍ଦିର ସାମ୍ନାରେ ପୌର ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୋଟିଏ ଚାବି ପଏଣ୍ଟ ରହିଛି। ସେହି ପଏଣ୍ଟର କାମ ହେଲା ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ପରିଚାଳନା କରିବା। ସେଠାରେ ଇଟା, ସିମେଣ୍ଟରେ ଗୋଟିଏ ସେଫ୍ ଗାର୍ଡ ତିଆରି କରାଯାଇଛି। ସେଥିରୁ ମୁଖ୍ୟ ରାସ୍ତା ପଟକୁ , ମାଳିସାହି ଏବଂ ଜେନା ସାହି ପଟକୁ ପାଣି ସୁବିଧାରେ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ କୌଣସି କାରଣରୁ ସେହି ପାଣି ପାଇପ୍‌ରେ ନ ଯାଇ ରାସ୍ତାରେ ବୋହୁଛି। ଏ ସମ୍ପର୍କରେ ଦାୟିତ୍ୱରେ ଖୋଲିବା କର୍ମଚାରୀଙ୍କୁ ପଚାରିଲେ ପାଇପ୍ ଫାଟି ଯାଇଥିବା ଉତ୍ତର ମିଳୁଛି। ଏହି ପ୍ରକଳ୍ପ ନିର୍ମାଣ ହେବାର ମାତ୍ର ୪ ମାସ ହୋଇଛି। ପାଇପ୍ କିପରି ଫାଟିଲା ତାହା ବୁଝା ପଡୁନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାର କରିବାକୁ ଦାବି ହୋଇଛି।



ପାନୀୟ ଜଳ ରାସ୍ତାରେ ବୋହୁଛି।

# ଶ୍ରେଣୀଗୃହ ଅଭାବ, ବିନା ସେକ୍ସନରେ ଶିକ୍ଷାଦାନ

**ଖଣ୍ଡପଡ଼ା,୨୫।୯(ସ୍ୱ.ପ୍ର.)**

ଶିକ୍ଷାର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର କେତେକ ବିଦ୍ୟାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ସ୍ଥାନୀୟ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଉଦାହରଣ ଭାବେ ନିଆଯାଇଛି। ବିପଦସଙ୍କୁଳ ଶ୍ରେଣୀଗୃହ ଯୋଗୁ ଉକ୍ତ ସ୍କୁଲକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ଛାତ୍ରୀମାନଙ୍କୁ ସେକ୍ସନରେ ବିଭକ୍ତ କରା ନ ଯାଇ ଗୋଟିଏ ଶ୍ରେଣୀରେ ଏକାଠି ବସାଇ ଶିକ୍ଷାଦାନ କରାଯାଉଛି। ଫଳରେ ଶିକ୍ଷାଦାନ ନାନା ଅବ୍ୟବସ୍ଥା ଭିତରେ ଚାଲିଥିବା ଅଭିଯୋଗ ହୋଇଛି।

ନାରୀଶିକ୍ଷାର ବିକାଶ ତଥା ମହିଳାଙ୍କ ପ୍ରଗତି ଲକ୍ଷ୍ୟରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଅଞ୍ଚଳର ବଦାନ୍ୟ ବ୍ୟକ୍ତି କୁଞ୍ଜ ବିହାରୀ ସାହୁ ୧୯୬୫ରେ କଣ୍ଟିଲୋ-ପାଟଣା ମଧ୍ୟସ୍ଥଳରେ ଥିବା ଏକ ପାହାଡ଼କୁ କାଟି ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତାଙ୍କ ନାମ ଅନୁସାରେ ଉକ୍ତ ସ୍କୁଲ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମରେ ପରିଚିତ। ପରବର୍ତ୍ତୀ ସମୟରେ ବଙ୍କଳ ପ୍ରାଥମିକ ବିଦ୍ୟାଳୟକୁ ଏହି ବିଦ୍ୟାଳୟରେ ମିଶ୍ରଣ କରାଯିବା ପରେ ସେହି ବିଦ୍ୟାଳୟ କୁଞ୍ଜ ବିହାରୀ ନୋଡ଼ାଲ ହାଇସ୍କୁଲର ମାନ୍ୟତା ପାଇଛି। ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୭୧ ଛାତ୍ରୀ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସଂପୃକ୍ତ ବିଦ୍ୟାଳୟଟି ୧୯୯୪ରୁ ଟେକେନଓଭରର ମାନ୍ୟତା ପାଇଛି। ସ୍କୁଲର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନୁଦାନ ରାଶି ମଞ୍ଜୁର ହେଉଥିଲେ ମଧ ବିଭାଗୀୟ ଅଧିକାରୀମାନଙ୍କ ଠିକାଦାର ପ୍ରୀତି ଯୋଗୁ କାମ ସରିବାର ୧ବର୍ଷ ପରେ ସ୍କୁଲର ଅବସ୍ଥା ପୂର୍ବସ୍ଥିତିକୁ ଫେରୁ ଆସୁଥିବା ଅଭିଯୋଗ ହୋଇଛି। ଛାତରୁ ସିମେଣ୍ଟ ଖଣ୍ଡ ଖସି ବିପଦ ସୃଷ୍ଟି କରିଛି। ନିମ୍ନମାନର କାମ ପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡା କହିଛନ୍ତି। ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ୨ଟି ସେକ୍ସନରେ ବିଭକ୍ତ କରାଯାଇ ଗୋଟିଏ କକ୍ଷରେ ଶିକ୍ଷାଦାନ କରାଯାଉଛି।



ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହ ବନ୍ଦ ପଡ଼ିଛି।

